## ଓଟିଭି ଏମ୍‌ଡିଙ୍କ ବାପାଙ୍କୁ ପୋଲିସ ଜେରା

**ଖୋର୍ଦ୍ଧା ଅଫିସ:** ଖୋର୍ଦ୍ଧା ସାରୁଅ ଗ୍ରାମର ହାଲୁର ପାହାଡସିଂ ଏବଂ ସନାତନ ପାହାଡସିଂ ବାଘମାରୀ ଥାନାରେ ଓଟିଭି ଏମ୍‌ଡି, ତାଙ୍କ ବାପା ଏବଂ ଭାଇଙ୍କ ନାମରେ ଅଭିଯୋଗ କରିଥିଲେ। ଏନେଇ ଥାନାରେ ଏକ ମାମଲା (ନଂ.୮୧/୨୦)ରୁଜୁ ହୋଇଛି। ଶୁକ୍ରବାର ପୂର୍ବାହ୍ନ ୧୧ଟାରେ ସଦର ଏସ୍‌ଡିପିଓ ସୁଶୀଲ ମିଶ୍ରଙ୍କ ନେତୃତ୍ୱରେ ଥାନାଧିକାରୀ ପ୍ରଣୀତା ପଟ୍ଟନାୟକ, ଆଦର୍ଶ ଥାନା ଅଧିକାରୀ ଉମାଶଙ୍କର ସିଂ ପ୍ରମୁଖ ଓଟିଭି ଏମ୍‌ଡିଙ୍କ ବାପାଙ୍କୁ ଜେରା କରିଥିଲେ। ତାଙ୍କ ଶରୀର ଅସୁସ୍ଥ ଥିବାରୁ ୧୦ମିନିଟ୍ ଜେରା କରାଯାଇଛି। ଶନିବାର ପୁଣି ଜେରା କରାଯିବ ବୋଲି ଏସ୍‌ଡିପିଓ ମିଶ୍ର କହିଛନ୍ତି।

# ଭୁବନେଶ୍ୱରରେ ବନ୍ଧୁକ ର୍‍ୟାକେଟ ଠାବ

**୨ ବେପାରୀ ଗିରଫ, ୮ ବନ୍ଧୁକ, ୧୨ ଗୁଳି ଜବତ**

- ବିହାରରୁ ଆସୁଛି, ୧୦ରୁ ୩୦ ହଜାରରେ ବିକ୍ରି ହେଉଛି
- ବନ୍ୟଜନ୍ତୁ ଶିକାରୀଙ୍କ ସହ ରହିଛି ଲିଙ୍କ୍
- ରିମାଣ୍ଡରେ ଆଣି ପଚରାଉଚରା କରିବ ଏସ୍‌ଟିଏଫ୍

ଭୁବନେଶ୍ୱର,୧୬ା୧୦(ବ୍ୟୁରୋ)

କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍ ଟିମ୍ ଖୋର୍ଦ୍ଧା ଜିଲା ଚନ୍ଦକା ଅଞ୍ଚଳରେ ଚଢ଼ାଉ କରି ଦୁଇ ବନ୍ଧୁକ ବେପାରୀଙ୍କୁ ଗିରଫ କରିବା ସହ ଏକ ବଡ଼ ର୍‍ୟାକେଟ୍‌କୁ ଠାବ କରିଛି। ଗିରଫ ଦୁଇ ବେପାରୀ ହେଲେ ରାକେଶ ଚନ୍ଦ୍ର ଜେନା ଓ ବିକାଶ ବେହେରା। ଯାଞ୍ଚବେଳେ ୮ ବନ୍ଧୁକ ଓ ୧୨ ଗୁଳି ମିଳିଛି। ଏଥିମଧ୍ୟରେ ଦୁଇଟି ୭ ଏମ୍‌ଏମ୍‌ର ପିସ୍ତଲ ସହ ମାଗାଜିନ, ଗୋଟିଏ ତାଇୱାନ୍ ରିଭଲଭର, ୪ ଦେଶୀ ରିଭଲଭର୍ (କଟା) ଓ ଗୋଟିଏ ଏସ୍‌ବିଏମ୍‌ଏଲ୍ ବନ୍ଧୁକ ରହିଥିବାବେଳେ ଗୋଟିଏ ୭.୬୨ ଏମ୍‌ଏମ୍‌ର ଏସ୍‌ଏଲ୍‌ଆର୍ ଗୁଳି ରହିଛି। ଏନେଇ ଏସ୍‌ଟିଏଫ୍ କେସ୍ ନଂ.୨୫/୨୦ ଦଫା ୨୫/୨୭ ଆର୍ମ୍ସ ଆକ୍ଟ ଲଗାଇ ଦୁଇ ଅଭିଯୁକ୍ତଙ୍କୁ ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ତେବେ ଚୋରା ବନ୍ଧୁକ ର୍‍ୟାକେଟର ଅଧିକ ଖୋଳତାଡ଼ କରିବା ସହ ସମ୍ପୃକ୍ତ ଅନ୍ୟମାନଙ୍କୁ ଧରିବା ପଇଁ ଏସ୍‌ଟିଏଫ୍ ସେମାନଙ୍କୁ ୫ଦିନିଆ ରିମାଣ୍ଡରେ ଆଣିବ। ଏଥିଲାଗି ଖୁବ୍‌ଶୀଘ୍ର କୋର୍ଟରେ ଆବେଦନ କରାଯିବ। ଏହାସହ ଅନ୍ୟଜଣଙ୍କୁ ଧରିବା ପାଇଁ ଏସ୍‌ଟିଏଫ୍ ଚଢାଉ ଜାରି ରଖିଥିବା କ୍ରାଇମ୍‌ବ୍ରାଞ୍ଚ ଏଡିଜି ସୌମେନ୍ଦ୍ର ପ୍ରିୟଦର୍ଶୀ ଏସ୍‌ଟିଏଫ୍ କାର୍ଯ୍ୟାଳୟରେ ଶୁକ୍ରବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

ସେ କହିଛନ୍ତି, ଅପରାଧୀଙ୍କ ଉପରେ କଠୋର ପଦକ୍ଷେପ ନେବାକୁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ପାଇବାର ୨୪ ଘଣ୍ଟା ଭିତରେ ଏସ୍‌ଟିଏଫ୍ ଏହି ବନ୍ଧୁକ ବ୍ୟବସାୟ ର୍‍ୟାକେଟର ପର୍ଦ୍ଦାଫାଶ କରିଛନ୍ତି। ଗୁରୁବାର ରାତିରେ ବିଶ୍ୱସ୍ତ ସୂତ୍ରରୁ ଖବର ମିଳିଲା ଯେ, ଚନ୍ଦକା ଦାଶପୁର ବ୍ରିଜ ନିକଟରେ ବନ୍ଧୁକ କାରବାର ହେଉଛି। ଏସ୍‌ଟିଏଫ୍‌ର ଏକ ଟିମ୍ ତୁରନ୍ତ ସେଠାରେ ଚଢାଉ କରି ରାକେଶ ଓ ବିକାଶଙ୍କୁ କାବୁକରି ଏସ୍‌ଟିଏଫ୍ କାର୍ଯ୍ୟାଳୟକୁ ଆଣିଥିଲେ। ସେମାନଙ୍କୁ ପଚରାଉଚରା ପରେ ଏସ୍‌ଟିଏଫ୍ ଚନ୍ଦକା ଅଞ୍ଚଳର ବିଭିନ୍ନ ସ୍ଥାନରେ ଚଢାଉ କରିଥିଲେ। ରାତି ତମାମ ଅପରେଶନ ପରେ ୮ ବନ୍ଧୁକ ସହ ୧୨ ଗୁଳିକୁ ବିଭିନ୍ନ ସ୍ଥାନରୁ ଜବତ କରାଯାଇଥିଲା। ଏସବୁର ମୂଲ୍ୟ ଦେଢ ଲକ୍ଷ ପାଖାପାଖି ହେବ। ଦେଶୀ କଟାକୁ ବେପାରୀମାନେ ୧୦ ହଜାର ଟଙ୍କା ଓ ପିସ୍ତଲକୁ ୩୦ ହଜାର ଟଙ୍କାରେ ବିକ୍ରି କରୁଥିଲେ। ସେମାନେ ଦଲାଲଙ୍କ ଜରିଆରେ ବିହାରରୁ ଚୋରାରେ ବନ୍ଧୁକ ଆଣି ରାଜଧାନୀ ଓ ଏହା ଉପକଣ୍ଠ ଅଞ୍ଚଳରେ ବେପାର କରୁଥିଲେ। ଧରା ନ ପଡ଼ିବା ପାଇଁ ବନ୍ଧୁକକୁ ଚାଉଳ ବସ୍ତା ଓ ମାଟିତଳେ ଲୁଚାଇ ରଖୁଥିଲେ। ସବୁଠୁ ବଡ଼ କଥା ହେଲା ଏହି ଦୁଇ ଅଭିଯୁକ୍ତଙ୍କ ଲିଙ୍କ୍ ଚନ୍ଦକା ଅଞ୍ଚଳରେ ଥିବା ବନ୍ୟଜନ୍ତୁ ଶିକାରୀଙ୍କ ସହ ରହିଛି। ଶିକାରୀଙ୍କୁ ଏମାନେ ଦେଶୀ ବନ୍ଧୁକ ଯୋଗାଉଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି। ତେବେ ଅଭିଯୁକ୍ତମାନେ ରିମାଣ୍ଡରେ ଆସିବା ପରେ ସେମାନେ ବିହାରରୁ କାହାଠାରୁ ବନ୍ଧୁକ ଆଣୁଥିଲେ, କାହାକୁ ଓ କେଉଁ ଉଦ୍ଦେଶ୍ୟରେ ବନ୍ଧୁକ ବିକ୍ରି କରୁଥିଲେ ତାହା ସ୍ପଷ୍ଟ ହେବ ବୋଲି ସେ କହିଛନ୍ତି।



ଜବତ ହୋଇଥିବା ବନ୍ଧୁକ ଓ ଗୁଳି।

### ବନ୍ଧୁକ ଚାଲାଣରେ ରୋକ୍ ଲାଗିଲେ ଅପରାଧ କମିବ

ବନ୍ଧୁକ ଧରି ଏବେ ଉତ୍ପାତ କରୁଛନ୍ତି ଅପରାଧୀ। ଏଥିଯୋଗୁ ରାଜ୍ୟରେ ଅପରାଧ ବଢ଼ି ଚାଲିଥିବାରୁ କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍ ଏବେ ଚୋରା ବନ୍ଧୁକ କାରବାର ରୋକିବାକୁ ଅଣ୍ଟା ଭିଡିଛି। ଏଡିଜି ସୌମେନ୍ଦ୍ର ପ୍ରିୟଦର୍ଶୀ କହିନ୍ତି, ଏତେ ପରିମାଣର ବନ୍ଧୁକ ଜବତ କରିବା ବଡ଼ ସଫଳତା। ସବୁ ଅପରାଧ ପଛରେ ଚୋରା ବନ୍ଧୁକ କାରବାର ମୁଖ୍ୟ କାରଣ। ତେଣୁ ବନ୍ଧୁକ ଚାଲାଣ ଉପରେ ରୋକ୍ ଲଗାଇଲେ ଅପରାଧ ନିହାତି କମିଯିବ। ଆଗାମୀ ଦିନରେ ଏହା ଉପରେ ଏଟିଏଫ୍‌ର କଡା ଆଭିମୁଖ୍ୟ ରହିବ ବୋଲି ଏଡିଜି ସୌମେନ୍ଦ୍ର ପ୍ରିୟଦର୍ଶୀ କହିଛନ୍ତି।

## ବଜ୍ରପାତରେ ଚାଷୀ ମୃତ

**କଣାସ,୧୬ା୧୦(ଡି.ଏନ୍.ଏ.):** ଗଡ଼ିଶାଗୋଦା ଥାନା ଅନ୍ତର୍ଗତ କାଦୁଆ ପଞ୍ଚାୟତ ଭାଟପଡା ଗ୍ରାମର ଜଣେ ଚାଷୀଙ୍କ ଶୁକ୍ରବାର ବଜ୍ରପାତରେ ମୃତ୍ୟୁ ହୋଇଛି। ସେ ହେଲେ ଅକ୍ଷୟ୍ ବରାଳ(୪୬) । ସକାଳ ୯ଟାରେ ସେ ଧାନଜମିକୁ ଘାସ ବାଛିବା ପାଇଁ ଯାଇଥିଲେ। ଦ୍ୱିପ୍ରହର ସମୟରେ ବର୍ଷା ଓ ବଜ୍ରପାତ ହୋଇଥିଲା। ଏହି ସମୟରେ ସେ ତଳେ ପଡ଼ିଯାଇଥିଲେ। ଘରକୁ ଫେରିବାକୁ ବିଳମ୍ବ ହେବାରୁ ପରିବାର ଲୋକେ ତାଙ୍କୁ ଜମିକୁ ଖୋଜିବାକୁ ଯାଇଥିଲେ। ଜମିରେ ଅକ୍ଷୟ୍ ଅଚେତ ଅବସ୍ଥା ପଡିଥିବାର ଦେଖି ଚିକିତ୍ସା ପାଇଁ ପ୍ରଥମେ କଣାସ ପରେ ପୁରୀ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଜିଲା ପରିଷଦ ସଦସ୍ୟ ନୀଳମଣି ବେହେରା ପହଞ୍ଚି ଅକ୍ଷୟଙ୍କ ପରିବାରକୁ ସମବେଦନା ଜଣାଇବା ସହିତ ତହସିଲଦାର, ଥାନା ଓ ଆର୍‌ଆଇଙ୍କୁ ଜଣାଇଥିଲେ। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଥିବା ଥାନାଧିକାରୀ ଦେବାଶିଷ ମିଶ୍ର ସୂଚନା ଦେଇଛନ୍ତି।

## ସୁବାସ ରାମଚନ୍ଦ୍ର ଦୋଷୀ ସାବ୍ୟସ୍ତ

**୫ବର୍ଷରେ ପୁରୀ ଟ୍ରେନ୍ ପୋଡ଼ି ମାମଲାର ରାୟ ପ୍ରକାଶ**

ପୁରୀ ଅଫିସ,୧୬ା୧୦

୫ବର୍ଷରେ ଶୁକ୍ରବାର ବହୁ ଚର୍ଚ୍ଚିତ ପୁରୀ ଟ୍ରେନ୍ ପୋଡ଼ି ମାମଲାର ରାୟ ପ୍ରକାଶ ପାଇଛି। ପୁରୀର ଆସିଷ୍ଟାଣ୍ଟ ସେସନ୍ସ ଜଜ୍ କମ୍ ସିଜେଏମ୍ ଇନ୍ଦୁ ଶର୍ମା ଏହି ମାମଲାରେ ଅଭିଯୁକ୍ତ ସୁବାସ ରାମଚନ୍ଦ୍ରଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଦଣ୍ଡ ବିଧାନ କରିଛନ୍ତି। ୪୦ ଜଣଙ୍କ ସାକ୍ଷ୍ୟ ପ୍ରମାଣକୁ ଭିତ୍ତିକରି ସୁବାସଙ୍କୁ ଧାରା ୪୩୫ ପ୍ରିଭେନ୍‌ଶନ ଅଫ୍ ଡ୍ୟାମେଜ ଅଫ୍ ପବ୍ଲିକ ପ୍ରପର୍ଟି ଆକ୍ଟ, ରେଲ୍‌ୱେ ଆକ୍ଟ ୧୪୫, ୧୪୭, ୧୫୦, ୧୫୧, ୧୫୩ ଅନୁଯାୟୀ ଦୋଷୀ ସାବ୍ୟସ୍ତ କରାଯାଇଛି। ଧାରା ୪୩୫ରେ ୫ବର୍ଷ ଜେଲଦଣ୍ଡ ସହ ୫୦ହଜାର ଟଙ୍କା ଜରିମାନା ଆଦେଶ ଦିଆଯାଇଛି। ଜରିମାନା ଅନାଦାୟ ଅଧିକ ୬ମାସ ଜେଲଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ରାୟରେ ଉଲ୍ଲେଖ ରହିଛି।

ସୂଚନାଯୋଗ୍ୟ, ୨୦୧୫ ନଭେମ୍ବର ୧୨ରେ ପୁରୀ ଷ୍ଟେଶନରେ ଟ୍ରେନ୍ ପୋଡ଼ି ଘଟିଥିଲା। ପ୍ଲାଟଫର୍ମ ନଂ. ୨, ୪ ଓ ୬ରେ ଥିବା ୩ଟି ଟ୍ରେନ (ନନ୍ଦନକାନନ ସୁପରଫାଷ୍ଟ ଏକ୍ସପ୍ରେସ, ତିରୁପତି ଏକ୍ସପ୍ରେସ୍ ଏବଂ ପୁରୀ-ହାୱଡା ଏକ୍ସପ୍ରେସ୍)ରେ ଏକକାଳୀନ ନିଆଁ ଲାଗିଥିଲା। ଏଥିରେ ପ୍ରାୟ ୧ କୋଟି ୫ ଲକ୍ଷ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଥିଲା। ତତ୍କାଳୀନ ରେଲୱେ ସୁପରିଣ୍ଟେଣ୍ଡେଣ୍ଟ ଖୋର୍ଦ୍ଧା ଜିଆର୍‌ପି ଥାନାରେ ଏକ ମାମଲା (ନଂ.୮୩/୧୫) ରୁଜୁ କରିଥିଲେ। ପରଦିନ ଅର୍ଥାତ୍ ୧୩ ତାରିଖରେ ଆରପିଏଫ୍‌ର ୨ଜଣ କନଷ୍ଟେବଲ ଷ୍ଟେଶନରେ ସନ୍ଦିଗ୍ଧ ଭାବେ ବୁଲୁଥିବା ତାମିଲନାଡୁର ସୁବାସ ରାମଚନ୍ଦ୍ରନଙ୍କୁ ଧରିଥିଲେ। ତାଙ୍କ ନିକଟରୁ ଗୋଟିଏ ଛୁରି, ବ୍ଲେଡ ଓ ଦିଆସିଲ ଜବତ ହୋଇଥିଲା। ଜିଆର୍‌ପିରେ ତଦନ୍ତ ଚାଲିଥିବାବେଳେ ନ୍ୟାଶନାଲ ଇନ୍‌ଭେଷ୍ଟିଗେଶନ ଏଜେନ୍ସି (ଏନ୍‌ଆଇଏ) ଏଥିରେ ଆତଙ୍କବାଦୀଙ୍କ ହାତ ଥିବା ସନ୍ଦେହ କରି କେସ୍‌କୁ ଗ୍ରହଣ କରିଥିଲେ। ତେବେ ଏଥିରେ ଆତଙ୍କବାଦୀ କାର୍ଯ୍ୟକଳାପର ସମ୍ପୃକ୍ତି ନ ଥିବା ସ୍ପଷ୍ଟ ହୋଇଥିଲା। ଏହାପରେ ପୁଣି ଏହି ମାମଲାକୁ ଜିଆର୍‌ପିକୁ ହସ୍ତାନ୍ତର କରାଯାଇଥିଲା। ଘଟଣାକୁ ୫ ବର୍ଷ ପୂରିବାକୁ ମାସେଠୁ କମ୍ ସମୟ ଥିବାବେଳେ ଏହାର ରାୟ ପ୍ରକାଶ ପାଇଛି। ସରକାରୀ ଓକିଲ ରାଜଶେଖର ପାଢୀ ଏହି ମକଦ୍ଦମା ପରିଚାଳନା କରୁଥିଲେ।

## ସବୁ ସିଲ୍ ଥିବା ଦୋକାନ ଖୋଲିବ

**ଭୁବନେଶ୍ୱର,୧୬ା୧୦(ବ୍ୟୁରୋ):** ଭୁବନେଶ୍ୱରରେ କୋଭିଡ୍ ଗାଇଡ୍‌ଲାଇନ୍ ଉଲ୍ଲଂଘନ ଅଭିଯୋଗରେ ସିଲ୍ ହୋଇଥିବା ସମସ୍ତ ଦୋକାନ ବଜାର/ବ୍ୟବସାୟିକ ପ୍ରତିଷ୍ଠାନ ଉପରୁ ବିଏମ୍‌ସି କଟକଣା କୋହଳ କରିଛି। ପାର୍ବଣକୁ ଦୃଷ୍ଟିରେ ରଖି ଏସବୁ ଦୋକାନ ଖୋଲିବାକୁ ଘୋଷଣା କରାଯାଇଛି। ହେଲେ ସହରରେ କରୋନା ସଂକ୍ରମଣ ଜାରି ରହିଥିବାରୁ ବ୍ୟବସାୟୀମାନେ ପୂର୍ବଭଳି ସତର୍କତା ଅବଲମ୍ବନ କରିବା ସହ ବ୍ୟବସାୟିକ ପ୍ରତିଷ୍ଠାନ ଖୋଲିବା ପରେ ଓ ଗ୍ରାହକଙ୍କ ପ୍ରବେଶ ପୂର୍ବରୁ ବିଶୋଧନ କରିବା ବାଧ୍ୟତାମୂଳକ କରାଯାଇଛି। ସେହିପରି ସାମାଜିକ ଦୂରତ୍ୱ ରକ୍ଷା ସହ କର୍ମଚାରୀମାନେ ମାସ୍କ ପରିଧାନ କରିବାକୁ ପରାମର୍ଶ ଦିଆଯାଇଛି। ଏଥିରେ ଖିଲାପ କଲେ ଉଲ୍ଲଂଘନକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ବିଏମ୍‌ସି ପକ୍ଷରୁ ନିର୍ଦ୍ଦେଶ ଜାରି କରାଯାଇଛି।

## ୪୫ ଗ୍ରାମ ବ୍ରାଉନ୍‌ସୁଗାର ଜବତ: ୨ ଗିରଫ

**ଭୁବନେଶ୍ୱର,୧୬ା୧୦ (ବ୍ୟୁରୋ):** ବ୍ରାଉନସୁଗାର କାରବାର ଅଭିଯୋଗରେ ଚନ୍ଦ୍ରଶେଖରପୁର ଥାନା ପୋଲିସ ଓ କୁଇକ୍ ଆକ୍ସନ ଟିମ୍ (କ୍ୟୁଏଟି) ନିଳାଦ୍ରୀବିହାର ସେକ୍ଟର-୫ରେ ଚଢ଼ାଉ କରି ୨ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ସ୍ଥାନୀୟ ଥାନା ଅନ୍ତର୍ଗତ ଶ୍ରୀବିହାର ଅଞ୍ଚଳର ଜ୍ୟୋତିପ୍ରକାଶ ମହାନ୍ତି ଓରଫ ଛୋଟି ଓ ଚନ୍ଦ୍ରଶେଖରପୁର ଡମଣା ଅଞ୍ଚଳର ସତ୍ୟଜିତ୍‌ସାହୁ ଓରଫ ଜଟିଆ। ସେମାନଙ୍କ ନିକଟରୁ ୪୫ ଗ୍ରାମ ବ୍ରାଉନ୍‌ସୁଗାର, ୧ ହଜାର ଟଙ୍କା, ୨ଟି ମୋବାଇଲ ଓ ଚୋରା କାରବାରରେ ବ୍ୟବହୃତ ବାଇକ ଜବତ ହୋଇଛି। ଏ ନେଇ ପୋଲିସ ଏକ ମାମଲା(ନଂ.୩୬୩/୨୦) ରୁଜୁ କରି ସମ୍ପୃକ୍ତ ଅନ୍ୟମାନଙ୍କୁ ଚିହ୍ନଟ ପାଇଁ ସେମାନଙ୍କୁ ପଚରାଉଚରା କରୁଛି।

## ୨୭ ବର୍ଷ ପରେ ହେବ ଫଟୋଗ୍ରାଫି ପ୍ରତିଯୋଗିତା

**ଭୁବନେଶ୍ୱର,୧୬ା୧୦ (ବ୍ୟୁରୋ):** ଓଡ଼ିଶା ଲଳିତ କଳା ଏକାଡେମୀ ପକ୍ଷରୁ ଦୀର୍ଘ ୨୭ବର୍ଷ ପରେ ଫଟୋଗ୍ରାଫି ପ୍ରତିଯୋଗିତା ଓ ପୁରସ୍କାର କାର୍ଯ୍ୟକ୍ରମ ହେବ। ଏକାଡେମୀ ସଭାପତି ପଦ୍ମଶ୍ରୀ ଡ. ସୁଦର୍ଶନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଫଟୋ ବିଶେଷଜ୍ଞମାନଙ୍କୁ ନେଇ ଶୁକ୍ରବାର ବୈଠକ ଅନୁଷ୍ଠିତ ବସିଥିଲା। ବିଶିଷ୍ଟ ଫଟୋଗ୍ରାଫର ପ୍ରଫୁଲ୍ଲ ଚନ୍ଦ୍ର ଧୀର, ଫଟୋ ସାମ୍ବାଦିକ ସଞ୍ଜୀବ ମୁଖାର୍ଜୀ, ଏକାଡେମୀ ସଦସ୍ୟ ତଥା ଧଉଳି ଚାରୁକଳା ମହାବିଦ୍ୟାଳୟ ଅଧ୍ୟକ୍ଷ ପଞ୍ଚାନନ ସାମଲ ଏହାର ନିୟମାବଳୀ ପ୍ରସ୍ତୁତ କରିଥିଲେ। କୋଭିଡ୍-୧୯ ଯୋଗୁ ଫଟୋଗ୍ରାଫରମାନେ ସେମାନଙ୍କର ୪ଟି ଫଟୋଚିତ୍ର ଅନ୍‌ଲାଇନ୍ ମାଧ୍ୟମରେ ପଠାଇବାକୁ ସ୍ଥିର କରାଯାଇଛି। ୪ଟି ବିଷୟବସ୍ତୁକୁ ନେଇ ଫଟୋ ଉତ୍ତୋଳନକାରୀମାନେ ଫଟୋ ଉଠାଇ ପଠାଇବେ। ତାହା ହେଲା ଓଡ଼ିଶାର ଐତିହ୍ୟ ଏବଂ ସ୍ଥାପତ୍ୟ, ପର୍ବପର୍ବାଣି, ବନ୍ୟପ୍ରାଣୀ, ସଂସ୍କୃତି ଓ ପରମ୍ପରା। ୪ଟି ବିଭାଗ ପାଇଁ ଶ୍ରେଷ୍ଠ ୪ଜଣ ଫଟୋଗ୍ରାଫରଙ୍କୁ ୫୦ ହଜାର ଟଙ୍କା ଏବଂ ୮ଟି ସାନ୍ତ୍ୱନାମୂଳକ ପୁରସ୍କାର ପାଇଁ ୧୦ ହଜାର ଟଙ୍କା ପୁରସ୍କାର ସ୍ୱରୂପ ପ୍ରଦାନ କରାଯିବ ବୋଲି ଏକାଡେମୀର ସଚିବ ଗଜେନ୍ଦ୍ର ପ୍ରସାଦ ସାହୁ ଜଣାଇଛନ୍ତି।



For more details contact :
SYMPHONY LTD. - BHUBANESWAR : 9338701717, 9337890169, CUTTACK : 9337289601
DISTRIBUTORS : BHUBANESWAR : SA INFOSYSP LTD 7894404120, BABA ENTERPRISES 7978856098, SSV ENTERPRISES 9438363572, SANJEEV AGENCIES 7978113912 CUTTACK : BHARAT ENGINEERING WORKS 7978644830, HINDUSTAN ENTERPRISES 7978667004 NAYAGARH : MAHAVIR TRADING CO 9778846644 JATANI : RAY ELECTRONICS 9337007627

**ଯୁବକଙ୍କ ମୃତଦେହ ଜବତ**

**ବାଲିଅନ୍ତା,(ଡି.ଏନ୍.ଏ.):** ବାଲିଅନ୍ତା ଥାନା ଅଧୀନ କାକରୁଦ୍ରପୁର ଗ୍ରାମର ଜଣେ ଯୁବକଙ୍କ ମୃତଦେହକୁ ଶୁକ୍ରବାର ପୋଲିସ ଜବତ କରିଛି। ସେ ହେଲେ ଉକ୍ତ ଗ୍ରାମର ବେଣୁଧର ବେହେରା। ଏ ସମ୍ପର୍କରେ ପୋଲିସ ଏକ ଅପମୃତ୍ୟୁ ମାମଲା(ନଂ.୪୮/୨୦)ରୁଜୁକରି ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, କୌଣସି କାରଣକୁ ନେଇ ସକାଳେ ବେଣୁଧର ଘରେ ଝୁଲୁଥିବା ପରିବାର ଲୋକେ ଦେଖିବାକୁ ପାଇଥିଲେ। ତାଙ୍କୁ ଉଦ୍ଧାର କରି ଅଠାନ୍ତର ସ୍ୱାସ୍ଥ୍ୟକେନ୍ଦ୍ର ପରେ କ୍ୟାପିଟାଲ ହସ୍ପିଟାଲ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବାଲିଅନ୍ତା ପୋଲିସ ମୃତଦେହ ଜବତ ପରେ ବ୍ୟବଚ୍ଛେଦ କରାଇ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

## ସଂକ୍ଷେପରେ

### ଭସାପୋଲରେ ପାଣି ପଶିଲା

**କୃଷ୍ଣପ୍ରସାଦ/ବ୍ରହ୍ମଗିରି, ୧୬।୧୦(ଡି.ଏନ୍.ଏ.):** ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକର ଜହ୍ନିକୁଦା ଘାଟରେ ରହିଥିବା ଭସାପୋଲ(ଭେସେଲ)ରେ ପାଣି ପଶିଯିବାରୁ ଏହା ବନ୍ଦ ରହିଛି। ଫଳରେ ଶୁକ୍ରବାର ଯାତ୍ରୀମାନେ ଡଙ୍ଗାରେ ବିପଦଜ୍ଜନକ ଅବସ୍ଥାରେ ଯାତ୍ରା କରିଥିବା ଦେଖିବାକୁ ମିଳିଛି। ସୂଚନା ଅନୁଯାୟୀ, ଜହ୍ନିକୁଦା ଘାଟରୁ ସାତପଡ଼ା ଘାଟ ପର୍ଯ୍ୟନ୍ତ ଗମନାଗମନ ଓ ପରିବହନ ପାଇଁ ଚିଲିକା ଉନ୍ନୟନ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଭସାପୋଲ ସେବାର ବ୍ୟବସ୍ଥା ହୋଇଛି। ପ୍ରଥମେ ଚିଲିକାରେ ଗୋଟିଏ ଭସାପୋଲ ଚାଲୁଥିବା ବେଳେ ଯାତ୍ରୀଙ୍କ ସୁବିଧା ପାଇଁ ଏକ ମାସ ପୂର୍ବେ ପୁଣି ଏକ ଭସାପୋଲକୁ ମରାମତି କରାଯାଇ ଚାଲିଥିଲା। ପ୍ରତ୍ୟେକ ଦିନ ଭଳି ଶୁକ୍ରବାର ୬ଟାରୁ ଜହ୍ନିକୁଦା ଘାଟରୁ ଛାଡିବା ପୂର୍ବରୁ ଯାଞ୍ଚ କରାଯିବା ସମୟରେ ଏହି ଭସାପୋଲରେ ପାଣି ପଶିଯାଇଥିବା ଦେଖିବାକୁ ମିଳିଥିଲା। ଫଳରେ ଏହାକୁ ଯାତ୍ରୀ ସେବାରେ ନିୟୋଜିତ କରାଯାଇ ନ ଥିଲା। ଭସାପୋଲ ବନ୍ଦ ହେବାରୁ ଯାତ୍ରୀ ପରିବହନରେ ବ୍ୟାହତ ଦେଖାଯାଇଥିଲା। ଶେଷରେ ଯାତ୍ରୀମାନେ ବାଇକ୍ ସହ ବିପଦଜ୍ଜନକ ଭାବେ ଡଙ୍ଗାରେ ଯାତ୍ରା କରିଥିଲେ। ଏ ସମ୍ପର୍କରେ ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ ବିଭାଗର ସହକାରୀ ଯନ୍ତ୍ରୀ ମଙ୍ଗୁଳି ଚରଣ ରାଉତ କହିଛନ୍ତି, ଭସାପୋଲରେ ପାଣି ପଶିଯାଇଥିବା ନେଇ ଖବର ପାଇଛୁ। ଖୁବଶୀଘ୍ର ଅନ୍ୟ ଏକ ଭସାପୋଲର ବ୍ୟବସ୍ଥା କରାଯିବ ବୋଲି ସେ କହିଛନ୍ତି।

### ୩୩ କେଜି ଗଞ୍ଜେଇ ଜବତ: ୩ ଗିରଫ

**ପୁରୀ ଅଫିସ, ୧୬।୧୦:** ଚୋରା ଚାଲାଣ ପାଇଁ ରହିଥିବା ୩୨ କିଗ୍ରା ୯୦୦ ଗ୍ରାମ ଗଞ୍ଜେଇକୁ ଶୁକ୍ରବାର ପୁରୀ ଟାଉନ ଥାନା ପୋଲିସ ଜବତ କରିଛି। ଏହି କାରବାରରେ ସମ୍ପୃକ୍ତି ଅଭିଯୋଗରେ ବାପ, ପୁଅଙ୍କ ସମେତ ୩ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଶରତ କୁମାର ପଣ୍ଡା (୫୩), ତାଙ୍କ ବାପା ଜଗନ୍ନାଥ ପଣ୍ଡା(୮୧) ଓ ମାଟିମଣ୍ଡପ ସାହିର ଲକ୍ଷ୍ମୀନାରାୟଣ ନନ୍ଦ (୪୪)। ସେମାନଙ୍କଠାରୁ ୬ଟି ମୋବାଇଲ ଫୋନ ଏବଂ ୪,୩୪୦ ଟଙ୍କା ଜବତ ହୋଇଛି। ପୋଲିସ ସୂଚନା ଅନୁଯାୟୀ, ବାଲିସାହି ଶ୍ୱେତଗଙ୍ଗା ଲେନ୍‌ର ଜଗନ୍ନାଥ ପଣ୍ଡାଙ୍କ ଘରେ ବିପୁଳ ପରିମାଣରେ ଗଞ୍ଜେଇ ଥିବା ବିଶ୍ୱସ୍ତ ସୂତ୍ରରୁ ଖବର ମିଳିଥିଲା। ଅପରାହ୍ନରେ ପୋଲିସ ଅଚାନକ ଜଗନ୍ନାଥଙ୍କ ଘରେ ଚଢ଼ାଉ କରିଥିଲା। ଚଢ଼ାଉ ବେଳେ ଗଞ୍ଜେଇ ଭର୍ତ୍ତି ୩ଟି ଜରି ପ୍ୟାକେଟ ମିଳିଥିଲା। ତାହାକୁ ପୋଲିସ ଜବତ କରିବା ସହ ୩ଜଣଙ୍କୁ ଗିରଫ କରିଥିଲା। ଏ ନେଇ ଥାନାରେ ଏକ ମାମଲା (ନଂ. ୨୦୪/୨୦) ରୁଜୁ କରାଯାଇ ତଦନ୍ତ ଚାଲିଛି।

### ନାବାଳିକାଙ୍କୁ ବଳାତ୍କାର ଅଭିଯୋଗ

**ବ୍ରହ୍ମଗିରି,୧୬।୧୦(ଡି.ଏନ୍.ଏ.):** ବ୍ରହ୍ମଗିରି ଥାନା ଗମ୍ଭାରୀ ପଞ୍ଚାୟତ ଅଧୀନ ଏକ ଗ୍ରାମରେ ଜଣେ ନାବାଳିକାଙ୍କୁ ବଳାତ୍କାର କରିଥିବା ଅଭିଯୋଗ ହୋଇଛି। ଅଭିଯୋଗକ୍ରମେ ପୋଲିସ ନଂ.୧୭୩/୨୦ରେ ଏକ ମାମଲା ରୁଜୁ କରି ଜଣେ ଯୁବକଙ୍କୁ ଅଟକ ରଖିଛି। ସୂଚନା ଅନୁଯାୟୀ, ନାବାଳିକା ଜଣକ ଘର ପାଖରେ ଏକୁଟିଆ ଥିଲେ। ଏହାର ସୁଯୋଗ ନେଇ ଯୁବକ ଜଣକ ତାଙ୍କୁ ବଳାତ୍କାର କରି ଫେରାର ହୋଇଯାଇଥିଲେ। ପରେ ଘଟଣା ସମ୍ପର୍କରେ ନାବାଳିକାଟି ତାଙ୍କ ପରିବାର ଲୋକଙ୍କୁ କହିଥିଲେ। ଏ ନେଇ ନାବାଳିକାଙ୍କ ଦାଦା ଥାନାର ଦ୍ୱାରସ୍ଥ ହୋଇଥିଲେ। ପୋଲିସ ଚଢ଼ାଉ କରି ଜଣେ ଯୁବକଙ୍କୁ ଥାନାକୁ ଆଣିଥିବା ଥାନା ଅଧିକାରୀ ମନୋଜ ଶତପଥୀ କହିଛନ୍ତି।

# ଦାଦାବଟି ମାଗିଲେ ତଡ଼ିପାର

**ଭୁବନେଶ୍ୱର,୧୬।୧୦ (ବ୍ୟୁରୋ)**

ଦାଦାବଟି ବା ବଳପୂର୍ବକ ଚାନ୍ଦା ମାଗିଲେ କଡ଼ା କାର୍ଯ୍ୟାନୁଷ୍ଠାନ ହେବ। ଏପରି କି ଜାତୀୟ ନିରାପତ୍ତା ଆଇନ(ଏନ୍‌ଏସ୍‌ଏ) ଲଗାଯିବା ସହ ଆବଶ୍ୟକ ପଡିଲେ ତଡ଼ିପାର କରାଯିବ। ଦାଦାବଟି ମାଗୁଥିବା ବ୍ୟକ୍ତିଙ୍କୁ ଏପରି କଡ଼ା ଚେତାବନୀ ଦେଇଛନ୍ତି ପୋଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀ। ଏମାନଙ୍କ ଉପରେ ନଜର ରଖିବା ସହ ଦାଦା ବଟି ଆଦାୟ ରୋକିବାକୁ ଅତିରିକ୍ତ ପୋଲିସ କମିଶନର ରେଖା ଲୋହାନୀଙ୍କ ନେତୃତ୍ୱରେ ଆଣ୍ଟି-ଏକ୍ସଟର୍ନଶନ ଟାସ୍କ ଫୋର୍ସ ଗଠନ ହୋଇଛି। ଏହି ଟାସ୍କ ଫୋର୍ସକୁ କ୍ୟୁଏଟି ସହାୟତା କରିବ ବୋଲି ଷଡ଼ଙ୍ଗୀ ସୂଚନା ଦେଇଛନ୍ତି।

ସେ କହିଛନ୍ତି, ଅନେକ ସମୟରେ ଦାଦାବଟି ଦେଉଥିବା ଲୋକେ ପୋଲିସର ସହାୟତା ନେବାକୁ ଡରୁଛନ୍ତି। ତେଣୁ ଏହି ଟାସ୍କ ଫୋର୍ସକୁ ଲୋକେ ସୂଚନା ଦେଲେ ସେମାନଙ୍କ ନାମ ଗୋପନ ରଖାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ। ଲୋକଙ୍କୁ ପ୍ରୋତ୍ସାହିତ କରିବା ସହ ଆବଶ୍ୟକ ସୁରକ୍ଷା ଯୋଗାଇ ଦେବାକୁ ପ୍ରତି ଥାନା ସ୍ତରରେ ଓ ଡିସିପିଙ୍କ ସ୍ତରରେ ବିଭିନ୍ନ ବର୍ଗଙ୍କ ସହ ବୈଠକ କରାଯାଇ ଆବଶ୍ୟକ ପଦକ୍ଷେପ ନିଆଯିବ। ଆସନ୍ତା ସୋମବାରଠାରୁ ଗୋଟିଏ ଆଣ୍ଟି-ଏକ୍ସଟର୍ନଶନ ବା ଦାଦାବଟି ବିରୋଧରେ ହେଲ୍ପଲାଇନ୍ ଜାରି କରାଯିବ। ଲୋକେ ଏହାମାଧ୍ୟମରେ ଦାଦାବଟି ସମ୍ପର୍କିତ ସୂଚନା ଗୋପନୀୟ ଭାବେ ଫୋନ୍, ଏସ୍‌ଏମ୍‌ଏସ୍, ହ୍ୱାଟ୍ସଆପ୍, ଟେଲିଗ୍ରାମ ଦ୍ୱାରା ଦେଇପାରିବେ। ଯେଉଁମାନଙ୍କ ଖବର ଉପରେ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରେ ସଫଳ ହେବ ସେମାନଙ୍କ ନାମ ଗୋପନ ରଖାଯିବା ସହ ସେମାନଙ୍କୁ ପୁରସ୍କୃତ କରାଯିବ। ଏହାସହ ଏହା ବିରୋଧରେ ଯେଉଁ ଥାନା ଅଧିକାରୀ ଭଲ କାର୍ଯ୍ୟାନୁଷ୍ଠାନ ନେବେ ତାଙ୍କୁ ମଧ୍ୟ ପୁରସ୍କୃତ କରାଯିବ ବୋଲି ପୋଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀ କହିଛନ୍ତି।

**କଡ଼ା ଚେତାବନୀ ଶୁଣାଇଲେ ପୋଲିସ କମିଶନର**




- ଅତିରିକ୍ତ ସିପିଙ୍କ ନେତୃତ୍ୱରେ ଆଣ୍ଟି-ଏକ୍ସଟର୍ନଶନ ଟାସ୍କ ଫୋର୍ସ
- ସାଧାରଣ ଲୋକଙ୍କ ପାଇଁ ଖୋଲାଯିବ ଟୋଲ୍ ଫ୍ରି ନମ୍ବର
- ଭଲ କାର୍ଯ୍ୟାନୁଷ୍ଠାନ ନେଇଥିବା ଥାନାଧିକାରୀଙ୍କୁ ପୁରସ୍କୃତ କରାଯିବ

## ତୀକ୍ଷ୍ଣ ଦୃଷ୍ଟି ରଖ: ଡିଜିପି

**କଟକ ଅଫିସ,୧୬।୧୦**

ଦୋକାନବଜାରଠାରୁ ଆରମ୍ଭ କରି ଶପିଂ ମଲ୍‌ରୁ ଆଦାୟ ହେଉଛି ଦାଦାବଟି। ପାର୍ବଣ ସମୟରେ ଏହି ବେଆଇନ କାର୍ଯ୍ୟ ଅଧିକମାତ୍ରାରେ ହୋଇଥାଏ। କରୋନା କଟକଣା ଯୋଗୁ ପାର୍ବଣ ଆୟୋଜନ ବଡ଼ଧରଣରେ ହେଉ ନ ଥିଲେ ସୁଦ୍ଧା ଆପରାଧିକ ବ୍ୟକ୍ତିମାନଙ୍କର ଦାଦାବଟି ଆଦାୟ ବନ୍ଦ ହୋଇ ନ ପାରେ। ଏହାକୁ ଦୃଷ୍ଟିରେ ରଖି ଦାଦାବଟି ଆଦାୟକାରୀଙ୍କ ଉପରେ ତୀକ୍ଷ୍ଣ ଦୃଷ୍ଟି ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି ଡିଜିପି ଅଭୟ। କଟକ ପୋଲିସ ମୁଖ୍ୟାଳୟରେ ଶୁକ୍ରବାର ଅପରାହ୍ନରେ ଏ ନେଇ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ବଳପୂର୍ବକ ଚାନ୍ଦା ଆଦାୟ କରୁଥିବା ବ୍ୟକ୍ତିଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବୈଠକରେ ନିର୍ଦ୍ଦେଶ ଦିଆଯାଇଛି। ଏହାଛଡ଼ା କଟକ-ଭୁବନେଶ୍ୱରରେ ସଙ୍ଗଠିତ ଅପରାଧକୁ ହ୍ରାସ କରିବା ପାଇଁ ଆଲୋଚନା ହୋଇଛି। ଏହି ଦୁଇଟି ସହରରେ ଶାନ୍ତିଶୃଙ୍ଖଳାରେ କିପରି ଦଶହରା ସମାପନ ହେବ ସେ ପ୍ରସଙ୍ଗ ମଧ୍ୟ ଉପସ୍ଥାପନ କରାଯାଇଥିଲା। ବୈଠକରେ ପୋଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀ, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (କ୍ରାଇମ୍), ଗୋଇନ୍ଦା ନିର୍ଦ୍ଦେଶକ, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଇନ୍‌ଶୃଙ୍ଖଳା), ଆଇଜି (ଆଇନଶୃଙ୍ଖଳା) ଓ ଉଭୟ କଟକ, ଭୁବନେଶ୍ୱରର ଡିସିପି ଉପସ୍ଥିତ ଥିଲେ।

# ପତିତପାବନ ହେବେ ନାଗାର୍ଜୁନ ବେଶ

**ପୁରୀ ଅଫିସ,୧୬।୧୦**

**ଅରୁଣ ସ୍ତମ୍ଭ ପାଖରୁ ଭକ୍ତଙ୍କୁ ମିଳିପାରେ ଦର୍ଶନ ସୁଯୋଗ**

ଆସନ୍ତା ନଭେମ୍ବର ୨୭ରେ ନାଗାର୍ଜୁନ ବେଶ। ମାତ୍ର ମହାପ୍ରଭୁଙ୍କ ଏହି ବୀର ବେଶ ଦର୍ଶନରୁ ଭକ୍ତମାନେ ବଞ୍ଚିତ ହେବା ଏକପ୍ରକାର ନିଶ୍ଚିତ। କାରଣ ମହାମାରୀ କରୋନା ପାଇଁ ୭ମାସ ହେଲାଣି ଭକ୍ତଙ୍କୁ ଶ୍ରୀମନ୍ଦିରକୁ ଛଡ଼ାଯାଉ ନାହିଁ। ଆଗକୁ ଶୀତ ଦିନ ଆସୁଥିବାରୁ କାର୍ତ୍ତିକ ମାସରେ ଭକ୍ତଙ୍କ ଲାଗି ଶ୍ରୀମନ୍ଦିର ଖୋଲିବା ଆଶା ମଉଳିଗଲାଣି। ମୁଖ୍ୟ ପ୍ରଶାସକ ଶ୍ରୀମନ୍ଦିର ସେବାୟତ ନିଯୋଗ ଏବଂ ବିଭିନ୍ନ ପକ୍ଷଙ୍କ ସହ ଆଲୋଚନା କରିବା ସମୟରେ ଅଧିକାଂଶ କାର୍ତ୍ତିକ ମାସ ଶେଷ ପର୍ଯ୍ୟନ୍ତ ମନ୍ଦିର ନ ଖୋଲିବାକୁ ମତ ଦେଇଛନ୍ତି। ତେଣୁ କାର୍ତ୍ତିକର ପଞ୍ଚକରେ ପଡୁଥିବା ନାଗାର୍ଜୁନ ବେଶ ଦର୍ଶନରୁ ଭକ୍ତମାନେ ବଞ୍ଚିତ ହୋଇପାରନ୍ତି। ୨୬ବର୍ଷ ପରେ ପଡୁଥିବା ଏହି ବେଶରେ ମହାପ୍ରଭୁଙ୍କ ଦର୍ଶନ ନ ହେଲେ ନାହିଁ ପତିତପାବନଙ୍କୁ ଦର୍ଶନ କରିବାର ଭକ୍ତ ଆଶା ରଖିଛନ୍ତି। ତେଣୁ ଏଥର ପତିତପାବନଙ୍କୁ (ରତ୍ନସିଂହାସନରେ ଦାରୁଦିଅଁଙ୍କୁ ଯେପରି) ନାଗାର୍ଜୁନ ବେଶ କରିବାକୁ ସେବକମାନେ ପ୍ରସ୍ତୁତ ଅଛନ୍ତି। ସେହିପରି ବ୍ୟାରିକେଡକୁ ଅରୁଣ ସ୍ତମ୍ଭ ନିକଟକୁ ଘୁଞ୍ଚାଇ ଭକ୍ତଙ୍କୁ ପତିତପାବନଙ୍କ ଦର୍ଶନ ସୁବିଧା ଦେବା ପାଇଁ ମୁଖ୍ୟ ପ୍ରଶାସକଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ଆବଶ୍ୟକ ପଡ଼ିଲେ ଅନ୍‌ଲାଇନରେ ଭକ୍ତଙ୍କ ପାଇଁ ପତିତପାବନଙ୍କ ଦର୍ଶନ ବ୍ୟବସ୍ଥା କରାଗଲେ ଭଲ ହେବ ବୋଲି ପରିଚାଳନା କମିଟି ସଦସ୍ୟ ମାଧବ ମହାପାତ୍ର କହିଛନ୍ତି।

# ରିପୋର୍ଟ ଦାଖଲ ପାଇଁ ଏଜିଙ୍କୁ ନିର୍ଦ୍ଦେଶ

**ହାଇକୋର୍ଟରେ କଟକ ଦୁର୍ଗାପୂଜା ମୂର୍ତ୍ତି ଉଚ୍ଚତା ବିବାଦ ମାମଲା**

**କଟକ ଅଫିସ,୧୬।୧୦:** ହାଇକୋର୍ଟରେ କଟକ ଦୁର୍ଗାପୂଜା ମୂର୍ତ୍ତି ଉଚ୍ଚତା ବିବାଦ ମାମଲାର ଶୁଣାଣି ଶୁକ୍ରବାର ହୋଇଥିଲା। ଯେଉଁ ୯ଟି ପୂଜା କମିଟି ୪ଫୁଟରୁ ଅଧିକ ଉଚ୍ଚର ମୂର୍ତ୍ତି ନିର୍ମାଣ କରିଛନ୍ତି ତାହାର ଅନୁଧ୍ୟାନ ରିପୋର୍ଟ ଦେବା ପାଇଁ ହାଇକୋର୍ଟ ମୁଖ୍ୟ ବିଚାରପତି ଜଷ୍ଟିସ ମହମ୍ମଦ ରଫିକ୍ ଓ ବିଚାରପତି ଜଷ୍ଟିସ ବି.ଆର ଷଡ଼ଙ୍ଗୀଙ୍କୁ ନେଇ ଗଠିତ ଖଣ୍ଡପୀଠ ଆଡ୍‌ଭୋକେଟ ଜେନେରାଲ(ଏଜି)ଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପୂର୍ବରୁ ଏ ସଂକ୍ରାନ୍ତରେ ପୋଲିସ କମିଶନର ରିପୋର୍ଟ ଦାଖଲ କରି ସାରିଛନ୍ତି। ତେବେ ଆଡଭୋକେଟ ଜେନେରାଲ ଏକ ବିସ୍ତୃତ ରିପୋର୍ଟ ଦେବେ ବୋଲି ପ୍ରକାଶ କରିଛନ୍ତି। ଆସନ୍ତା ୧୯ରେ ଏହି ମାମଲାର ପରବର୍ତ୍ତୀ ଶୁଣାଣି ହେବ। ପୂର୍ବରୁ ୪ଫୁଟ ମୂର୍ତ୍ତି ନିର୍ମାଣ ସପକ୍ଷରେ ସରକାର ସତ୍ୟପାଠ ଦାଖଲ କରିଥିଲେ।

# ସରପଞ୍ଚଙ୍କୁ ଆକ୍ରମଣ, ଅଭିଯୁକ୍ତଙ୍କ ଆତ୍ମସମର୍ପଣ

**ସାକ୍ଷୀଗୋପାଳ,୧୬।୧୦(ଡି.ଏନ୍.ଏ./ସ୍ୱ.ପ୍ର.)**

**ଥାନା ଆଗରେ ଭାଜପାର ଧାରଣା**

ସତ୍ୟବାଦୀ ବ୍ଲକ ଦାସବିଦ୍ୟାଧରପୁର ସରପଞ୍ଚ ହରିହର ନନ୍ଦଙ୍କୁ ଗୁରୁବାର ରାତିରେ ମାରଣାସ୍ତ୍ରରେ ଆକ୍ରମଣ ହୋଇଥିବା ନେଇ ସତ୍ୟବାଦୀ ଥାନାରେ ଅଭିଯୋଗ ହୋଇଛି। ଏ ନେଇ ପୋଲିସ ନଂ.୩୪୬/୨୦ରେ ମାମଲା ରୁଜୁ କରିଥିବାବେଳେ ଆକ୍ରମଣକାରୀ ସେହି ଗ୍ରାମର ରବିନାରାୟଣ ରଥ ପିପିଲିସ୍ଥିତ ଏସ୍‌ଡିପିଓ ଦେବଦତ୍ତ ବରାଳଙ୍କ କାର୍ଯ୍ୟାଳୟରେ ଶୁକ୍ରବାର ଆତ୍ମସମର୍ପଣ କରିଛନ୍ତି। ସୂଚନା ଅନୁଯାୟୀ, ସରପଞ୍ଚ ନନ୍ଦ ଗୁରୁବାର ରାତିରେ ଘର ନିକଟରେ ଥିବାବେଳେ କେତେଜଣ ଯୁବକ ତାଙ୍କୁ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ସାକ୍ଷୀଗୋପାଳ ଡାକ୍ତରଖାନା ପରେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲ ନିଆଯାଇଥିଲା। ତେବେ ଏ ସମ୍ପର୍କରେ ନନ୍ଦଙ୍କ ପରିବାର ଲୋକେ ଶୁକ୍ରବାର ଥାନାର ଦ୍ୱାରସ୍ଥ ହୋଇଥିଲେ। ଅନ୍ୟପଟେ ଅଭିଯୁକ୍ତଙ୍କୁ ଗିରଫ ଓ ଏଥିରେ ସମ୍ପୃକ୍ତ ଥିବା ଅନ୍ୟ ବ୍ୟକ୍ତିଙ୍କୁ ଖୁବଶୀଘ୍ର ଧରିବା ଦାବିରେ ଭାଜପା ପକ୍ଷରୁ ଓମ ପ୍ରକାଶ ମିଶ୍ରଙ୍କ ନେତୃତ୍ୱରେ ଥାନା ପରିସରରେ ଧାରଣା ଦିଆଯାଇଥିଲା। ଏଥିରେ ଜୟପୁର ସରପଞ୍ଚ ବିଶ୍ୱଜିତ ମହାପାତ୍ର, ଦୀପକ ଶତପଥୀ, ଉମେଶ ଚନ୍ଦ୍ର ପ୍ରଧାନ, ପ୍ରାଚୁର୍ଯ୍ୟ ହୋତା, ଜାନକୀ ବଲ୍ଲଭ ବରାଳ, ଶ୍ରୀଧର ବିଶ୍ୱାଳ, ସୁରେନ୍ଦ୍ର ପ୍ରଧାନ, ସରୋଜିନୀ ନନ୍ଦ, ସ୍ମିତାଲୀନ ସାହୁ, ମଞ୍ଜୁ ବେହେରା ଓ ଲକ୍ଷ୍ମୀ ବେହେରା ପ୍ରମୁଖ ସାମିଲ ଥିଲେ। ଏହି ସମୟରେ ଥାନାଧିକାରୀ ନ ଥିବାବେଳେ ସନ୍ଧ୍ୟା ହୋଇଯାଇଥିବାରୁ ଧାରଣାରୁ ଓହରି ଯାଇଥିଲେ।

# ଡକାୟତ ଗ୍ୟାଙ୍ଗ୍ ଠାବ: ୫ ଗିରଫ

**କଟକ ଅଫିସ,୧୬।୧୦**

**୪୫୭ ଗ୍ରାମ ଅଳଙ୍କାର ଜବତ**



ଜବତ ଅଳଙ୍କାର।

ଚୌଦ୍ୱାର ପୋଲିସ ଏକ ଡକାୟତି ଗ୍ୟାଙ୍ଗ୍‌କୁ ଠାବ କରିଛି। ଏଥିସହ ଉକ୍ତ ଗ୍ୟାଙ୍ଗ୍‌ର ମୁଖ୍ୟ ହରିହର ସାମଲ, ତାଙ୍କ ସ୍ତ୍ରୀ ମାମି ସାମଲ, ସହଯୋଗୀ ସୂର୍ଯ୍ୟକାନ୍ତ ରାଉତ, ଶତ୍ରୁଘ୍ନ ସାହୁ ଓ ତ୍ରିଲୋଚନ ସାହୁଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନଙ୍କ ଠାରୁ ୨୨୦ ଗ୍ରାମ ସୁନା ଅଳଙ୍କାର, ୨୩୭ ଗ୍ରାମର ରୁପା ଅଳଙ୍କାର ଓ ୨ଟି ବାଇକ ଜବତ ହୋଇଛି। ଗିରଫ ପାଇଁ ଗ୍ୟାଙ୍ଗ୍‌ର ଅନ୍ୟ ସଦସ୍ୟଙ୍କୁ ଖୋଜା ଚାଲିଛି ବୋଲି କଟକ ଡିସିପିଙ୍କ କାର୍ଯ୍ୟାଳୟରେ ଶୁକ୍ରବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଡିସିପି ପ୍ରତୀକ ସିଂ ସୂଚନା ଦେଇଛନ୍ତି।

ଚୌଦ୍ୱାର ଥାନା ଅଧୀନ କପାଳେଶ୍ୱର ଗ୍ରାମର ପ୍ରଦୀପ କୁମାର ପ୍ରଧାନ ଗତ ଜାନୁୟାରୀ ୧୫ ତାରିଖରେ ପରିବାର ଲୋକଙ୍କ ସହ ପୁରୀ ଯାଇଥିଲେ। ଏହାର ସୁଯୋଗ ନେଇ ତାଙ୍କ ଘରୁ ଦୁର୍ବୃତ୍ତମାନେ କଳାକନା ବୁଲାଇ ଦେଇଥିଲେ। ଏ ନେଇ ସେ ଅଭିଯୋଗ କରିବା ପରେ ଥାନାରେ ମାମଲା (ନଂ. ୩୪/୨୦୨୦) ରୁଜୁ ହୋଇଥିଲା। ପରେ ପୋଲିସ ତଦନ୍ତ କରି ଉକ୍ତ ଘଟଣାର ମୁଖ୍ୟ ଅଭିଯୁକ୍ତ ଜଗତ୍‌ପୁର ଅଞ୍ଚଳର ହରିହରଙ୍କ ସମ୍ପୃକ୍ତି ଥିବା ଜାଣିବାକୁ ପାଇଥିଲା। ପୂର୍ବରୁ ହରିହରଙ୍କୁ ଭୁବନେଶ୍ୱର ପୋଲିସ ଏନ୍‌କାଉଣ୍ଟର କରିଥିଲା। ହରିହର ଡକାୟତି ଯୋଜନା କରନ୍ତି ଓ ମାମି ସହଯୋଗ କରନ୍ତି। ଲୁଟ୍ ସାମଗ୍ରୀକୁ ବିକ୍ରି କରିବାରେ ମାମିଙ୍କର ଭୂମିକା ରହିଥିଲା। ଶତ୍ରୁଘ୍ନ ଓ ତ୍ରିଲୋଚନ ଏହି ସାମଗ୍ରୀକୁ କିଣି ଲୋକଙ୍କୁ ବିକ୍ରି କରିବାରେ ସହାୟତା କରୁଥିଲେ। ହରିହର ଓ ସୂର୍ଯ୍ୟକାନ୍ତଙ୍କ ନାମରେ ସହରର ବିଭିନ୍ନ ଥାନାରେ ଏକାଧିକ ଆପରାଧିକ ମାମଲା ରହିଛି।

# ଚୋରି କାର ଜବତ, ୩ ଗିରଫ

**କୋଣାର୍କ,୧୬।୧୦(ଡି.ଏନ୍.ଏ.):** ରାମଚଣ୍ଡୀ ଥାନା ପୋଲିସ ଶୁକ୍ରବାର କଟକରୁ ଏକ ଚୋରି କାର ଜବତ କରିବା ସହ ୩ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ପୁରୀ ଜିଲା କାକଟପୁର ଥାନା ଫକିର ସାହିର ସୂର୍ଯ୍ୟ ନାରାୟଣ ସାହୁ, ବରାଜି ସାହିର ଲକ୍ଷ୍ମୀକାନ୍ତ ସିଂହ ଏବଂ ବାଲିଅନ୍ତା ଥାନା ଅଞ୍ଚଳର ଦିଲ୍ଲୀପ କୁମାର ବାରିକ। ଏନେଇ ଥାନାରେ ଏକ ମାମଲା(ନଂ.୫୬/୨୦) ରୁଜୁ ହୋଇଛି।

# ପାର୍ବଣରେ ଅବହେଳା କଲେ କୋପ ଦେଖାଇବ କରୋନା

**ଭୁବନେଶ୍ୱର, ୧୬।୧୦ (ବ୍ୟୁରୋ)**

**ସତର୍କ କଲେ ଆଇଏଲ୍‌ଏସ୍ ନିର୍ଦ୍ଦେଶକ**

ରାଜ୍ୟରେ ଏବେ କରୋନା ଗ୍ରାଫ୍ ତଳମୁହାଁ ହୋଇଛି। ଗତ ସେପ୍ଟେମ୍ବର ୨୫ ପରଠାରୁ ଦୈନିକ ସଂକ୍ରମିତଙ୍କ ସଂଖ୍ୟା ହ୍ରାସ ପାଇଥିବାବେଳେ ବେକାବୁ କରୋନା ଧୀରେ ଧୀରେ ନିୟନ୍ତ୍ରଣାଧୀନ ହେଉଥିବା ନଜରକୁ ଆସୁଛି। କିନ୍ତୁ ଆଗକୁ ପାର୍ବଣ ଆସୁଛି। ଯଦି ଲୋକମାନେ ଅବହେଳା କରିବେ ତା'ହେଲେ ପୁଣି କରୋନା ତା'ର କାୟା ବିସ୍ତାର କରିବ। ଅନ୍ୟ ଦେଶ ତଥା ମହାଦେଶରେ କରୋନାର ପୁନଃ ସଂକ୍ରମଣ ଆରମ୍ଭ ହୋଇଛି। ଯଦି ଆମେ ଏବେଠୁ ସତର୍କତା ଅବଲମ୍ବନ ନ କରିବା ତା'ହେଲେ କରୋନା ପୁଣି କୋପ ଦେଖାଇବ ବୋଲି ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଲାଇଫ୍ ସାଇନ୍ସ (ଆଇଏଲ୍‌ଏସ୍) ନିର୍ଦ୍ଦେଶକ ଅଜୟ ପରିଡ଼ା କହିଛନ୍ତି।

ରାଜ୍ୟବାସୀଙ୍କୁ ଏଭଳି ସତର୍କ କରାଇ ଅଜୟ କହିଛନ୍ତି, ସେପ୍ଟେମ୍ବର ୧୧ରୁ ୨୫ ମଧ୍ୟରେ ରାଜ୍ୟରେ ଦୈନିକ ୪ହଜାରରୁ ଊର୍ଦ୍ଧ୍ୱ ସଂକ୍ରମିତ ଚିହ୍ନଟ ହେଉଥିଲେ। ହେଲେ ଏହାପରଠୁ ଦୈନିକ ସଂକ୍ରମିତଙ୍କ ସଂଖ୍ୟା ୨ରୁ ଅଢ଼େଇ ହଜାର ଭିତରେ ରହିଛି। ରାଜ୍ୟରେ ଏବେ ମଧ୍ୟ ପୂର୍ବ ଭଳି ଟେଷ୍ଟିଂ ଜାରି ରହିଥିବାବେଳେ ବର୍ଷା ପାଇଁ ନମୁନା ସଂଗ୍ରହ ସାମାନ୍ୟ କମିଛି। ସବୁଠୁ ବଡ଼ କଥା ହେଲା ରାଜ୍ୟର ସଂକ୍ରମଣ ହାର ୫%ରୁ କମ୍ ରହିଛି, ଯାହାକି ସାମାନ୍ୟ ଆଶ୍ୱସ୍ତି ପ୍ରଦାନ କରୁଛି। ସେହିପରି ମୃତ୍ୟୁ ହାର ବଢୁଥିଲେ ବି ଅନ୍ୟ ରାଜ୍ୟ ତୁଳନାରେ କମ୍ ରହିଛି। ହେଲେ ଆଗକୁ ପୂଜା ଆସୁଛି, ଅଧିକ ସଚେତନ ହେବାର ଆବଶ୍ୟକତା ରହିଥିବା ସେ କହିଛନ୍ତି।

## ପୂର୍ତ୍ତ ବିଭାଗ, ଓଡ଼ିଶା ସରକାର
## ନିର୍ବାହୀ ଯନ୍ତ୍ରୀ (ରାସ୍ତା ଓ ଗୃହ ନିର୍ମାଣ), ବିଭାଜନ, ସୋନପୁର

ପତ୍ର ସଂଖ୍ୟା ୩୨୦୮ ତାରିଖ: ୧୨।୧୦।୨୦୨୦

No. XXXIV-01:- ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇଦିଆଉଛି ଯେ, ସୋନପୁର ସହର ସ୍ଥିତ ମହାନଦୀଠାରୁ କୁଞ୍ଜ ଢ଼ାବା ପର୍ଯ୍ୟନ୍ତ ଚାରିଲେନ୍ ବିଶିଷ୍ଟ ରାସ୍ତା ନିର୍ମାଣ ନିମନ୍ତେ ସୋନପୁର ତହସିଲ ଅନ୍ତର୍ଭୁକ୍ତ ୟୁନିଟ୍ ନଂ. ୧, ୨ ଏବଂ ୩ ମୌଜାର ବେସରକାରୀ ଜମି ଅଧିଗ୍ରହଣ କରିବା ପାଇଁ ଓଡ଼ିଶା ସରକାରଙ୍କ ପତ୍ର ସଂଖ୍ୟା ୧୦୧୪୧/ତାମ୩୧୦୩/୨୦୧୪ରେ ପ୍ରଦତ୍ତ ପ୍ରଣାଳୀ ଅନୁଯାୟୀ ପୂର୍ତ୍ତ ବିଭାଗ, ଓଡ଼ିଶା ସରକାରଙ୍କ ତରଫରୁ ନିର୍ବାହୀ ଯନ୍ତ୍ରୀ (ରାସ୍ତା ଓ କୋଠା) ବିଭାଜନ, ସୋନପୁର ନିମ୍ନଲିଖିତ ଜମି ମାଲିକଙ୍କଠାରୁ ସିଧାସଳଖ ଜମି କ୍ରୟ କରାଯିବ। ଏହି ବିଜ୍ଞପ୍ତି ମାଧ୍ୟମରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ନିମ୍ନ ପ୍ରଦତ୍ତ କୌଣସି ଜମି ସମ୍ବନ୍ଧରେ ଯଦି କୌଣସି ବ୍ୟକ୍ତିଙ୍କର ଆପତ୍ତି ଅଭିଯୋଗ ରହିଥାଏ, ତେବେ ଏହି ବିଜ୍ଞପ୍ତି ପ୍ରକାଶିତ ହେବାର ୧୫ ଦିନ ମଧ୍ୟରେ ସମ୍ପୂର୍ଣ୍ଣ କିମ୍ବା ଜମିର କୌଣସି ଅଂଶ ବା ସେ ପ୍ରକାରର ଜମି ଉପରେ ରହିଥିବା ତାଙ୍କର ଅଧିକାର ସମ୍ବନ୍ଧିତ ପ୍ରସ୍ତାବକୁ ନିମ୍ନ ଠିକଣାରେ ଜଣାଇପାରିବେ।

୧. ନିର୍ବାହୀ ଯନ୍ତ୍ରୀ (ରାସ୍ତା ଓ କୋଠା) ବିଭାଜନ, ସୋନପୁର।
୨. ଉପ-ନିର୍ବାହୀ ଯନ୍ତ୍ରୀ (ରାସ୍ତା ଓ କୋଠା) ଉପ-ବିଭାଜନ, ସୋନପୁର

## ପୂର୍ତ୍ତ ବିଭାଗ, ଓଡ଼ିଶା ସରକାର
## ନିର୍ବାହୀ ଯନ୍ତ୍ରୀ (ରାସ୍ତା ଓ ଗୃହ ନିର୍ମାଣ), ବିଭାଜନ, ସୋନପୁର

| କ୍ର. ସଂ. | ଜମି ମାଲିକଙ୍କ ନାମ | ଖାତା ନଂ. | ସର୍ଭେ/ପ୍ଲଟ୍ ନଂ. | କିସମ | ସମୁଦାୟ ରକବା (ଏକରରେ) | ଅଧିଗ୍ରହଣ ହେବାକୁ ଥିବା ରକବା (ଏକରରେ) | ମନ୍ତବ୍ୟ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ମୌଜା - ୟୁନଟ୍ ନଂ. ୧, ତହସିଲ- ସୋନପୁର | | | | | | | |
| ୧ | ଶ୍ରୀ ଗୋକର୍ଣ୍ଣେଶ୍ୱର ମହାଦେବ, ନିର୍ବାହୀ ଅଧିକାରୀ, ଦେବୋତ୍ତର ବିଭାଗ | ୧୯୧ | ୧୫୫୮ | ବେର୍ଣ୍ଣା ଅଣ-ଜଳସେଚିତ | ୦.୦୧୦ | ୦.୦୧୦ | |
| | | | ୧୫୬୨ | ଆଟ | ୦.୧୨୨ | ୦.୦୨୧ | |
| | | | ୧୫୫୭ | ବେର୍ଣ୍ଣା ଅଣ-ଜଳସେଚିତ | ୦.୨୬୦ | ୦.୦୬୧ | |
| | | | ୧୫୬୯ | ବେର୍ଣ୍ଣା ଅଣ-ଜଳସେଚିତ | ୦.୧୭୦ | ୦.୦୬୯ | |
| ୨ | ଶ୍ରୀ ଗୋକର୍ଣ୍ଣେଶ୍ୱର ମହାଦେବ, ନିର୍ବାହୀ ଅଧିକାରୀ, ଦେବୋତ୍ତର ବିଭାଗ | ୩୬୩ | ୧୫୭୦ | ବେର୍ଣ୍ଣା ଅଣ-ଜଳସେଚିତ | ୦.୩୭୦ | ୦.୦୪୧ | |
| | | | ୧୫୭୧ | ବେର୍ଣ୍ଣା ଅଣ-ଜଳସେଚିତ | ୦.୯୨୦ | ୦.୦୫୬ | |
| | | | ୧୫୭୪ | ବେର୍ଣ୍ଣା ଅଣ-ଜଳସେଚିତ | ୦.୫୬୦ | ୦.୦୪୧ | |
| | | | ୧୬୩୪ | ବେର୍ଣ୍ଣା ଅଣ-ଜଳସେଚିତ | ୨.୫୭୨ | ୦.୧୫୩ | |
| ୩ | ମନୋଜ କୁମାର ପାଣିଗ୍ରାହୀ, ମାନସ ରଞ୍ଜନ ପାଣିଗ୍ରାହୀ, ପିତା-ଗଣେଶ୍ୱର ପାଣିଗ୍ରାହୀ, ଜାତି-ବ୍ରାହ୍ମଣ, ବା-ନିଜଗାଁ | ୪୫୬ | ୧୫୯୯/୨୭୮୬ | ଘରବାରି | ୦.୧୦୦ | ୦.୦୪୦ | |
| ୪ | ରତନଲାଲ ଅଗ୍ରୱାଲ, ପିତା-ଲକ୍ଷ୍ମୀନାରାୟଣ ଅଗ୍ରୱାଲ, ଜାତି-ମାରୱାଡ଼ି, ବା- ତରଭା | ୫୦୬ | ୧୫୯୯/୨୭୮୭ | ଘରବାରି | ୦.୦୯୦ | ୦.୦୧୬ | |
| ୫ | ଜଗରମଲ ଅଗ୍ରୱାଲ, ପିତା-ଲକ୍ଷ୍ମୀନାରାୟଣ ଅଗ୍ରୱାଲ, ଜାତି-ମାରୱାଡ଼ି, ବା- ସୋନପୁର ଟାଉନ, ବଡ଼ବଜାର | ୨୫୮ | ୧୮୧୬ | ମାଳ ଅଣ-ଜଳସେଚିତ | ୦.୪୪୦ | ୦.୦୪୭ | |
| ୬ | ଶ୍ରୀ ଗୋକର୍ଣ୍ଣେଶ୍ୱର ମହାଦେବ, ନିର୍ବାହୀ ଅଧିକାରୀ, ଦେବୋତ୍ତର ବିଭାଗ | ୫୩୭ | ୧୫୬୩ | ଆଟ | ୦.୦୬୦ | ୦.୦୧୬ | |
| | | | ୧୫୬୪ | ଆଟ | ୦.୧୮୮ | ୦.୦୪୮ | |
| | | | ୧୫୫୪ | ଆଟ | ୦.୦୯୦ | ୦.୦୨୧ | |
| | | | ୧୫୫୫ | ଆଟ | ୦.୦୮୪ | ୦.୦୧୩ | |
| | | | ୧୫୫୯ | ଆଟ | ୦.୦୫୨ | ୦.୦୨୧ | |
| ୭ | ଯୋଗେଶ ରଞ୍ଜନ ମିଶ୍ର, ପିତା- ଘାସିରାମ ମିଶ୍ର, ଜାତି- ବ୍ରାହ୍ମଣ, ବା- ନିଜଗାଁ | ୪୯୭ | ୮୭୭ | ପଡିତ | ୦.୦୮୦ | ୦.୦୪୩ | |
| ୮ | ଯଜ୍ଞେଶ୍ୱର ପୂଜାହାରୀ, ପିତା- ତାଇଗୌରୀ ଚରଣ ପୂଜାହାରୀ, ଜାତି- ବ୍ରାହ୍ମଣ, ବା- ନିଜଗାଁ | ୪୮୮ | ୧୫୬୯/୨୭୮୫ | ମାଳ ଅଣ-ଜଳସେଚିତ | ୦.୧୦୦ | ୦.୦୧୮ | |
| ୯ | ହରିହର ସାହୁ, ରତ୍ନାକର ସାହୁ, ପିତା- ଧନେଶ୍ୱର ସାହୁ, ପୁରନ୍ଦର ସାହୁ, ପିତା- ସିଦ୍ଧେଶ୍ୱର ସାହୁ | ୭୬୧ | ୧୫୭୨ | ଆଟ | ୦.୦୬୦ | ୦.୦୦୬ | |
| | | | ୧୫୭୩ | ଆଟ | ୦.୦୯୪ | ୦.୦୧୪ | |
| ୧୦ | ଜୟଦେବ ମେହେର, ଶେଷଦେବ ମେହେର, ପିତା- ହରି ମେହେର, ଜାତି- ଭୁଲିଆ, ବା- ନିଜଗାଁ | ୧୯୧ | ୧୫୮୮ | ମାଳ ଅଣ-ଜଳସେଚିତ | ୦.୨୨୦ | ୦.୦୦୫ | |
| ୧୧ | ଶତ୍ରୁଘ୍ନ ପୃଷ୍ଟି, ପିତା- ବିକଳ ପୃଷ୍ଟି, ଜାତି- ପାଟରା, ବା- ବଡ଼ମାଳ, ଥା- ତରଭା | ୫୮୧ | ୧୫୯୯ | ଘରବାରି | ୦.୧୦୦ | ୦.୦୪୪ | |
| ୧୨ | ବାସୁଦେବ ମେହେର, ପିତା- ହରି ମେହେର, ଜାତି- ଭୁଲିଆ, ବା- ସୋନପୁର ଟାଉନ | ୩୮୪ | ୧୫୮୯ | ମାଳ ଅଣ-ଜଳସେଚିତ | ୦.୩୫୦ | ୦.୦୩୪ | |
| | | | ୧୫୮୬ | ମାଳ ଅଣ-ଜଳସେଚିତ | ୦.୫୦୦ | ୦.୦୦୪ | |
| ୧୩ | ରୂପେଶ କୁମାର ଅଗ୍ରୱାଲ, ରାକେଶ କୁମାର ଅଗ୍ରୱାଲ, ପିତା- ବ୍ରଜମୋହନ ଅଗ୍ରୱାଲ, ଜାତି- ମାରୱାଡ଼ି | ୭୭୬/୨୩୫ | ୧୫୮୯/୩୦୭୨ | ମାଳ ଅଣ-ଜଳସେଚିତ | ୦.୨୫୫ | ୦.୦୨୨ | |
| ମୌଜା- ୟୁନିଟ୍ ନଂ. ୨, ତହସିଲ - ସୋନପୁର | | | | | | | |
| ୧ | ଶାନ୍ତିଲତା ବହିଦାର, ପିତା- ବିରଂଚି ନାରାୟଣ ବହିଦାର, ଜାତି- କରଣ, ବା- ନିଜଗାଁ | ୭୪୯ | ୨୩୪୯ | ଘରବାରି | ୦.୦୯୫ | ୦.୦୨୯ | |
| ୨ | ଲକ୍ଷ୍ମୀପ୍ରସାଦ ସାହୁ, ପିତା- ଗୋବିନ୍ଦ ସାହୁ, ଜାତି- ମାଳି, ବା- ନିଜଗାଁ | ୭୧୧ | ୨୩୫୨ | ଘରବାରି | ୦.୦୮୦ | ୦.୦୧୭ | |
| ୩ | ରିଲୁ କୁମାର ମେହେର, ପିତା- ପିତବାସ ମେହେର, ଜାତି- ଭୁଲିଆ, ବା- ତରଭା | ୯୬୪/୩ | ୨୩୫୩ | ଘରବାରି | ୦.୦୬୫ | ୦.୦୧୫ | |
| ୪ | ସନ୍ତୋଷିନୀ ତ୍ରିପାଠୀ, ପିତା- ନିରଞ୍ଜନ ତ୍ରିପାଠୀ, ଜାତି- ବ୍ରାହ୍ମଣ, ବା- ନିଜଗାଁ | ୮୩୪ | ୨୩୫୬ | ଘରବାରି | ୦.୧୦୦ | ୦.୦୦୧ | |
| ୫ | ପଂଚାନନ ବାବୁ, ସୋମନାଥ ବାବୁ, ଜାତି- ବ୍ରାହ୍ମଣ, ବା- ଭ୍ରମରପାଲି | ୩୮୧ | ୨୩୫୭ | ଘରବାରି | ୦.୦୩୫ | ୦.୦୩୧ | |
| ୬ | ଅନନ୍ତରାମ ମିଶ୍ର, ପିତା- କାମପାଳ ମିଶ୍ର, ଜାତି- ବ୍ରାହ୍ମଣ, ବା- ନିଜଗାଁ, ମଝିପଡ଼ା | ୨୫ | ୨୩୮୫ | ଘରବାରି | ୦.୦୯୩ | ୦.୦୨୮ | |
| ୭ | କମଳିନୀ ପଣ୍ଡା, ସ୍ୱାମୀ: ଶାନ୍ତନୁ କୁମାର ମହାପାତ୍ର, ଜାତି: ବ୍ରାହ୍ମଣ, ବା: ସୋନପୁର | ୯୬୪/୪୨ | ୨୩୮୬ | ଘରବାରି | ୦.୦୩୮ | ୦.୦୦୩ | |
| | | | ୨୩୮୭/୨୭୭୦ | ଘରବାରି | ୦୧୮୦ | ୦.୦୨୫ | |
| ୮ | ଚନ୍ଦ୍ରଶେଖର ସାହୁ, ପିତା: ଅର୍ଜୁନ ସାହୁ, ଜାତି: କଂସାରୀ, ବା: ସୋନପୁର, ୟୁନିଟ୍-୪ | ୨୨୪ | ୨୨୭୯ | ଘରବାରି | ୧.୫୮୦ | ୦.୨୩୫ | |
| ୯ | ସୋମନାଥ ସାହୁ, ପିତା: ବାମଦେବ ସାହୁ, ଜାତି: କଂସାରୀ, ବା: ସୋନପୁର, ୟୁନିଟ୍-୪ | ୯୩୪ | ୨୨୮୧ | ଘରବାରି | ୧.୦୩୦ | ୦.୦୯୨ | |
| ୧୦ | ମାନସୀ ସାହୁ, ପ୍ରୀତିରାଣୀ ସାହୁ, ନିଲିପ୍ତା ସାହୁ, ପିତା: ହରିବନ୍ଧୁ ସାହୁ, ଜାତି: କଂସାରୀ | ୬୦୮ | ୨୨୮୨ | ଘରବାରି | ୧.୧୩୩ | ୦.୦୬୦ | |
| ୧୧ | ଶିବପ୍ରସାଦ ସାହୁ, ପିତା: କାମଦେବ ସାହୁ, ଜାତି: କଂସାରୀ, ବା: ସୋନପୁର | ୭୬୫ | ୨୩୪୬ | ଘରବାରି | ୦.୧୬୫ | ୦.୦୩୬ | |
| | | | ୨୩୪୫ | ଘରବାରି | ୦.୦୮୨ | ୦.୦୫୪ | |
| ୧୨ | ରାମକୃଷ୍ଣ ଅଗ୍ରୱାଲ ଏଣ୍ଡ ସନ୍ସ ତରଫରୁ, ପିତା: ରୂପରାମ ଅଗ୍ରୱାଲ, ଜାତି: ମାରୱାଡ଼ି, ବା: ରାଉରକେଲା | ୬୭୭ | ୨୩୪୭ | ଘରବାରି | ୦.୦୮୫ | ୦.୦୦୩ | |
| | | | ୨୩୪୮ | ଘରବାରି | ୦.୦୪୫ | ୦.୦୨୨ | |
| ୧୩ | ନାରାୟଣ ସାହୁ, ପିତା: ଯୁଧିଷ୍ଠି ସାହୁ, ଜାତି: ତେଲି, ବା: ନିଜଗାଁ | ୩୬୪ | ୨୩୮୮ | ଘରବାରି | ୦.୦୫୦ | ୦.୦୨୬ | |
| | | | ୨୩୮୯ | ଘରବାରି | ୦.୦୫୬ | ୦.୦୦୬ | |
| | | | ୨୫୩୮ | ପଡିତ | ୦.୦୬୦ | ୦.୦୨୩ | |
| ୧୪ | ଅରୁନ୍ଧତୀ ମହାପାତ୍ର, ପିତା: ସନ୍ତୋଷ କୁମାର ପାଢ଼ୀ, ଜାତି: ବ୍ରାହ୍ମଣ, ବା: ନିଜଗାଁ | ୪୬ | ୨୩୯୦ | ଘରବାରି | ୦.୨୦୦ | ୦.୦୨୦ | |
| ୧୫ | ରାମଗୋପାଳ ପଣ୍ଡା, ପିତା: ନାରାୟଣ ପଣ୍ଡା, ଜାତି: ବ୍ରାହ୍ମଣ, ବା: ନିଜଗାଁ | ୬୬୧ | ୨୫୪୧ | ଘରବାରି | ୦.୧୦୦ | ୦.୦୦୮ | |
| ୧୬ | ସୁଦାମ ଚରଣ ବିଶିରି, ସୁବଳ ବିଶିରି, ପିତା: ନିରଞ୍ଜନ ବିଶିରି, ଜାତି: ମାଳି, ବା: ନିଜଗାଁ | ୮୬୮ | ୨୫୪୨ | ଘରବାରି | ୦.୦୭୦ | ୦.୦୨୨ | |
| ୧୭ | ନୃପ ଜଇରା, ପିତା: ଲୋଚନ ଜଇରା, ଜାତି: ହରିଜନ, ବା: ସୋନପୁର | ୩୬୮ | ୨୫୪୬ | ଘରବାରି | ୦.୬୮୫ | ୦.୦୭୯ | |
| ୧୮ | ଶ୍ରୀ ମାଣିକେଶ୍ୱରୀ ଦେବୀ, ମାର୍ଫତ୍: ଦେବୋତ୍ତର ବିଭାଗ | ୧୪ | ୨୫୪୭ | ଆଟ | ୩.୫୩୩ | ୦.୧୦୧ | |
| ୧୯ | ଈଶ୍ୱର ଚନ୍ଦ୍ର ସାହୁ, ପିତା: ହରିଶ ଚନ୍ଦ୍ର ସାହୁ, ଜାତି: ତେଲି, ବା: ସୋନପୁର | ୭୭ | ୨୫୪୭/୨୬୮୬ | ଆଟ | ୦.୦୪୮ | ୦.୦୨୨ | |
| ୨୦ | ଶ୍ରୀ ସୁବର୍ଣ୍ଣମେରୁ ମହାଦେବ, ନିର୍ବାହୀ ଅଧିକାରୀ, ମାର୍ଫତ୍: ଦେବୋତ୍ତର ବିଭାଗ | ୩୨୬ | ୨୫୬୮ | ବେର୍ଣ୍ଣା ଅଣ-ଜଳସେଚିତ | ୦.୭୪୦ | ୦.୧୯୩ | |
| | | | ୨୫୭୬ | ବେର୍ଣ୍ଣା ଅଣ-ଜଳସେଚିତ | ୧.୨୦୫ | ୦.୧୨୬ | |
| | | | ୨୫୭୫ | ବେର୍ଣ୍ଣା ଅଣ-ଜଳସେଚିତ | ୧.୦୦୦ | ୦.୧୨୪ | |
| | | | ୨୫୭୦ | ଆଟ | ୦.୪୩୬ | ୦.୦୨୯ | |
| ୨୧ | ଧନେଶ୍ୱର ବେହେରା, ପିତା: ହାଡ଼ିବନ୍ଧୁ ବେହେରା, ବା: ନିଜଗାଁ | ୩୨୯ | ୨୫୪୭/୨୭୪୪ | ଘରବାରି | ୦.୦୫୭ | ୦.୦୪୬ | |
| ୨୨ | ଗିରିଗୋବର୍ଦ୍ଧନ ଥନାପତି, କୋଦଣ୍ଡରାମ ଥନାପତି, ସୁରଜ ଥନାପତି, ଗୁଣନିଧି ଥନାପତି, ପିତା: କୁଞ୍ଜବିହାରୀ ଥନାପତି, କାଦମ୍ବିନୀ ଥନାପତି, ସ୍ୱାମୀ: କୁଞ୍ଜବିହାରୀ ଥନାପତି, ଜାତି: ଥନାପତି, ବା: ନିଜଗାଁ | ୧୮୬/୧୫୬ | ୨୫୬୮ | ଆଟ | ୦.୧୫୫ | ୦.୦୧୯ | |
| ୨୩ | ସୌଦାମିନୀ ନାୟକ, ସ୍ୱାମୀ: ଗୋପୀନାଥ ପୂଜାହାରୀ, ଜାତି: ବ୍ରାହ୍ମଣ, ବା: ସୋନପୁର | ୯୬୪/୩୪ | ୨୫୬୯/୨୮୦୪ | ଆଟ | ୦.୧୦୦ | ୦.୦୦୮ | |
| ୨୪ | କମଳ ଲୋଚନ ମହାରଣା, ପିତା: ବନମାଳି ମହାରଣା, ଜାତି: ମହାରଣା, ବା: ନିଜଗାଁ | ୧୧୨ | ୨୩୫୮ | ପଡିତ | ୦.୦୪୪ | ୦.୦୦୯ | |
| ୨୫ | ରାକେଶ କୁମାର ଅଗ୍ରୱାଲ, ପିତା: ଶଙ୍କରଲାଲ ଅଗ୍ରୱାଲ, ଜାତି: ମାରୱାଡ଼ି, ବା: ନିଜଗାଁ | ୬୬୬ | ୨୩୮୮/୨୭୨୯ | ଘରବାରି | ୦.୨୦୦ | ୦.୦୨୦ | |
| ମୌଜା: ୟୁନିଟ୍ ନଂ. ୩, ତହସିଲ: ସୋନପୁର | | | | | | | |
| ୧ | ମାନସୀ ସାହୁ, ପ୍ରୀତିରାଣୀ ସାହୁ, ନିର୍ଲିପ୍ତା ସାହୁ, ପିତା: ହରିବନ୍ଧୁ ସାହୁ, ଶୈବାଳିନୀ ସାହୁ, ସ୍ୱାମୀ: ହରିବନ୍ଧୁ ସାହୁ, ଜାତି: କଂସାରୀ, ବା: ୟୁନିଟ୍-୪, ବଡ଼ବଜାର | ୧୨୬ | ୧୭୩ | ମାଳ ଅଣ-ଜଳସେଚିତ | ୦.୪୬୦ | ୦.୦୯୭ | |
| ୨ | ଶିବପ୍ରସାଦ ସାହୁ, ପିତା: ବାମଦେବ ସାହୁ, ଜାତି: କଂସାରୀ, ବା: ୟୁନିଟ୍-୪, ବଡ଼ବଜାର, ବା: ୟୁନିଟ୍-୪, ବଡ଼ବଜାର | ୧୬୬ | ୧୭୪ | ମାଳ ଅଣ-ଜଳସେଚିତ | ୦.୪୧୦ | ୦.୦୪୫ | |
| ୩ | ଶିବପ୍ରସାଦ ପାତ୍ର, ପିତା: ବାଣୀ ସେଠୀ, ହରି ପାତ୍ର, ଜାତି: ଡେରା, ସୁବର୍ଣ୍ଣପୁର, ୟୁନିଟ୍-୪, ଡେରାପଡ଼ା | ୧୬୭ | ୧୬୬/୧୨୩୬ | ଘରବାରି | ୦.୨୭୦ | ୦.୦୪୫ | |
| ୪ | ଶ୍ରୀ ସୁବର୍ଣ୍ଣମେରୁ ମହାଦେବ, ନିର୍ବାହୀ ଅଧିକାରୀ, ମାର୍ଫତ୍ ଦେବୋତ୍ତର ବିଭାଗ, ବା: ୟୁନିଟ୍-୪, ବଡ଼ବଜାର | ୧୩୩ | ୫୬୪ | ଆଟ | ୦.୬୯୦ | ୦.୦୩୦ | |
| | | | ୫୫୯ | ଆଟ | ୦.୧୬୦ | ୦.୦୦୭ | |
| ୫ | ସିଦ୍ଧାନ୍ତ କୁମାର ମେହେର, ପିତା: ଘନଶ୍ୟାମ ମେହେର, ଜାତି: ଭୁଲିଆ, ବା: ବୈଦ୍ୟନାଥ | ୧୬୪ | ୧୬୬/୧୨୪୨ | ଘରବାରି | ୦.୦୯୦ | ୦.୦୨୮ | |
| ୬ | ନାରାୟଣ ପ୍ରସାଦ ସାହୁ, ପିତା: ବାସୁଦେବ ସାହୁ, ଜାତି: କଂସାରୀ, ବା: ୟୁନିଟ୍-୪, ବଡ଼ବଜାର | ୭୪ | ୧୭୫ | ମାଳ ଅଣ-ଜଳସେଚିତ | ୦.୪୨୦ | ୦.୦୩୪ | |
| ୭ | ଦିଲ୍ଲିପ କୁମାର ମେହେର, ପିତା: ପଦ୍ମନାଭ ମେହେର, ଜାତି: ଭୁଲିଆ, ବା: ବୈଦ୍ୟନାଥ | ୫୫ | ୧୬୬/୧୨୪୩ | ଘରବାରି | ୦.୦୯୦ | ୦.୦୧୪ | |
| ୮ | ପୁରନ୍ଦର ବାରିକ, ପିତା: ଶିନ୍ଧ ବାରିକ, ଜାତି: ଗଣ୍ଡା, ବା: ୟୁନିଟ୍-୩, ସୋନପୁର ହରିଜନପଡ଼ା | ୧୦୧ | ୪୫୮ | ଆଟ | ୦.୨୮୫ | ୦.୧୩୩ | |
| | | | ୫୦୩ | ଆଟ | ୦.୧୮୦ | ୦.୧୨୦ | |
| ୯ | ପଦ୍ମନାଭ ମେହେର, ପିତା: ବୃନ୍ଦାବନ ମେହେର, ଜାତି: ଭୁଲିଆ, ବା: ପର୍ଥଲା, ନୂଆପଡ଼ା, ପୋ: ଗବଯୋର | ୮୨ | ୧୬୬/୧୨୩୯ | ଘରବାରି-୨ | ୦.୦୪୫ | ୦.୦୧୩ | |
| ୧୦ | ବାନ ସେଠୀ ପୁଜିଆଲ୍ଟ, ପିତା: ବାନି ସେଠୀ ହରିପାତ୍ର, ଜାତି: ଢେରା, ବା: ନିଜଗାଁ | ୧୦୮ | ୧୬୬ | ମାଳ ଅଣ-ଜଳସେଚିତ | ୧.୬୨୩ | ୦.୦୬୬ | |
| ୧୧ | ବଇକୁ ମେହେର, ପିତା: ଗିରିଧାରୀ ମେହେର, ଜାତି: ଭୁଲିଆ, ବା: ଗବଯୋର, ପୋ: ଗବଯୋର, ଥା: ମନମୁଣ୍ଡା, ଜି: ବୌଦ୍ଧ | ୧୧୫ | ୧୬୬/୧୨୪୦ | ଘରବାରି | ୦.୦୪୫ | ୦.୦୧୬ | |
| ୧୨ | ସୁରେଶ କୁମାର ମେହେର, ପିତା: ରାଧେଶ୍ୟାମ ମେହେର, ଜାତି: ଭୁଲିଆ, ବା: ବୈଦ୍ୟନାଥ | ୧୭୬ | ୧୬୬/୧୨୪୧ | ଘରବାରି | ୦.୦୯୦ | ୦.୦୩୫ | |
| ୧୩ | ଯୋଗେଶ୍ୱର ମେହେର, ପିତା: ଲକ୍ଷ୍ମଣ ମେହେର, ଜାତି: ଭୁଲିଆ, ବା: ନିମ୍ନା, ଥା: ସିଣ୍ଡୋଲ, ଜି: ସୁବର୍ଣ୍ଣପୁର | ୧୮୬/୨୩ | ୧୧୬/୧୨୩୮ | ଘରବାରି | ୦.୦୩୦ | ୦.୦୨୦ | |

ସ୍ୱା./- ଉପ-ନିର୍ବାହୀ ଯନ୍ତ୍ରୀ
ରାସ୍ତା ଓ ଗୃହ ନିର୍ମାଣ ବିଭାଗ, ସୋନପୁର

ସ୍ୱା./- ନିର୍ବାହୀ ଯନ୍ତ୍ରୀ
ରାସ୍ତା ଓ ଗୃହ ନିର୍ମାଣ ବିଭାଗ, ସୋନପୁର

OIPR-34081/14/0003/2021

## ସେବାୟତଙ୍କୁ ହୋମିଓପାଥି ଔଷଧ ବଣ୍ଟନ

**ପୁରୀ ଅଫିସ:** କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ସେବାୟତଙ୍କ ମଧ୍ୟରେ ରୋଗ ପ୍ରତିଷେଧକ ଶକ୍ତି ବୃଦ୍ଧି କରାଇବା ପାଇଁ ହୋମିଓପାଥି ଔଷଧ ପ୍ରଦାନ କରାଯାଇଛି। ଏଥିପାଇଁ ନୀଳାଦ୍ରି ଭକ୍ତନିବାସ ପରିସରରେ ଦୁଇଦିନିଆ ହୋମିଓପାଥି ସ୍ୱାସ୍ଥ୍ୟ ଶିବିର ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ପ୍ରଥମ ଦିନରେ ଦଇତାପତି ନିଯୋଗ, ଗରାବଡୁ ନିଯୋଗ, ପ୍ରତିହାରୀ ନିଯୋଗ, ପୁଷ୍ପାଳକ ନିଯୋଗ ଏବଂ ପୂଜାପଣ୍ଡା ନିଯୋଗର ସେବାୟତ ଓ ତାଙ୍କ ପରିବାର ସଦସ୍ୟଙ୍କୁ ଔଷଧ ଦିଆଯାଇଛି। ଗୁରୁବାର ସୁଆର ମହାସୁଆର ନିଯୋଗ ଏବଂ ଅନ୍ୟ ନିଯୋଗକୁ ଔଷଧ ପ୍ରଦାନ କରାଯାଇଛି।

# ସୌରଶକ୍ତି ଆଲୋକରେ ଝଲସିବ କୋଣାର୍କ

### କାର୍ଯ୍ୟ ସମୀକ୍ଷା ଲାଗି ଜିଲାପାଳଙ୍କୁ ଦାୟିତ୍ୱ ଦେଲେ ଶକ୍ତିମନ୍ତ୍ରୀ

ଭୁବନେଶ୍ୱର,୧୬।୧୦(ବ୍ୟୁରୋ)

ବିଶ୍ୱ ପ୍ରସିଦ୍ଧ ଅର୍କକ୍ଷେତ୍ର କୋଣାର୍କ ଖୁବ୍‌ଶୀଘ୍ର ସୌରଶକ୍ତି ଆଲୋକରେ ଝଲସିବ । ଏହି ପ୍ରକଳ୍ପର ଅଗ୍ରଗତି ନେଇ ଶକ୍ତିମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ଏକ ବୈଠକ ଅନୁଷ୍ଠିତ ହୋଇଛି। ଏ ଦିଗରେ ନିଆଯାଇଥିବା ପଦକ୍ଷେପ ଉପରେ ସମୀକ୍ଷା କରି ମନ୍ତ୍ରୀ କହିଛନ୍ତି, ଆସନ୍ତା ମାର୍ଚ୍ଚ ସୁଦ୍ଧା ଏହି ପ୍ରକଳ୍ପ କାର୍ଯ୍ୟକ୍ଷମ ହେବ। ଏହାପରେ କୋଣାର୍କ ଐତିହ୍ୟ ଓ ବୈଷୟିକ ଜ୍ଞାନର ଏକ ଅନନ୍ୟ ଯୁଗଳବନ୍ଦୀ ଭାବେ ବିଶ୍ୱକୁ ପ୍ରଦର୍ଶିତ କରିପାରିବ। କୋଣାର୍କ ପାଇଁ ଆବଶ୍ୟକ ସୌରଶକ୍ତି କଳାହାଣ୍ଡିଠାରେ ଉତ୍ପାଦିତ ହେବ । କଳାହାଣ୍ଡିରେ ଉତ୍ପାଦିତ ବିଦ୍ୟୁତ୍ ଶକ୍ତିକୁ ପୁରୀ ଶ୍ରୀମନ୍ଦିରକୁ ଯୋଗାଇ ଯାଉଥିବାବେଳେ କୋଣାର୍କ ନିମନ୍ତେ ସୌରଶକ୍ତି ଉତ୍ପାଦନ କରିବା କଳାହାଣ୍ଡି ଜିଲା ପାଇଁ ଅନ୍ୟ ଏକ ଗୌରବର ବିଷୟ ହେବ। ଓରେଡା ଦ୍ୱାରା କରାଯାଉଥିବା ଏକ ବହୁ ପ୍ରତୀକ୍ଷିତ ପ୍ରକଳ୍ପ ସୂର୍ଯ୍ୟମନ୍ଦିର ସମେତ କୋଣାର୍କ ଅଧିସୂଚିତ କ୍ଷେତ୍ର ପରିଷଦ ସହରାଞ୍ଚଳକୁ ମଧ୍ୟ ଏହି ସ୍ୱଚ୍ଛ ଓ ସବୁଜ ଶକ୍ତି ଯୋଗାଇ ଦିଆଯିବ । ସମଗ୍ର କୋଣାର୍କ ଐତିହ୍ୟ ସହରକୁ କାର୍ବନ ମୁକ୍ତ ସହରଭାବେ ପରିଣତ କରିବ । ଏହାସହ କୋଣାର୍କବାସୀଙ୍କୁ ଛାତ ଉପର ସୌରଶକ୍ତି ବ୍ୟବସ୍ଥା, ସୋଲାର ପାଣିପମ୍ପ, ସୋଲାର ପାଣିଗରମ, ଇ-ବାଇକ, ଇ-କାର ଇତ୍ୟାଦି ପାଇଁ ପ୍ରବର୍ତ୍ତାଯିବାକୁ ପଦକ୍ଷେପ ନିଆଯାଉଛି । ଯେହେତୁ କୋଣାର୍କଠାରେ ବ୍ୟାଟେରି ଚାର୍ଜ ଷ୍ଟେଶନ ପ୍ରତିଷ୍ଠା କରାଯିବ ତେଣୁ ଆଗାମୀ ଦିନରେ ଲୋକଙ୍କ ଇ-ଭେହିକିଲ୍ ଖରିଦ କରିବା ଏପରିକି ସରକାରୀ ଯାନଗୁଡ଼ିକୁ ମଧ୍ୟ ଇ-ଭେହିକିଲ୍ କରିବାକୁ ପଦକ୍ଷେପ ନିଆଯିବ । କୋଣାର୍କର ସର୍ବାଙ୍ଗୀନ ବିକାଶ ନିମନ୍ତେ ଏବଂ ଏହାକୁ ବିଶ୍ୱର ଏକ ଆଦର୍ଶ ପର୍ଯ୍ୟଟନସ୍ଥଳୀ ଭାବେ ବିକଶିତ କରିବାକୁ ହେଲେ ସୌରଶକ୍ତି ବ୍ୟତୀତ ସବୁଜୀକରଣ, ପ୍ରଭାବୀ ବର୍ଜ୍ୟବସ୍ତୁ ପରିଚାଳନା ଉପରେ ମଧ୍ୟ ଗୁରୁତ୍ୱ ଦିଆଯିବ। କୋଣାର୍କକୁ ବିଶ୍ୱସ୍ତରୀୟ ସହରଭାବେ ଗଢ଼ି ତୋଳିବା ଲାଗି ମାଷ୍ଟର ପ୍ଲାନ୍ ପ୍ରସ୍ତୁତ ହେବା ସହିତ ବର୍ଜ୍ୟରୁ ସମ୍ପଦ ପ୍ରକଳ୍ପ କାର୍ଯ୍ୟକାରୀ ଚାଲୁଥିବା ପୁରୀ ଜିଲାପାଳ ବଲୱନ୍ତ ସିଂ ପ୍ରକାଶ କରିଛନ୍ତି। ଏହାସହ ପ୍ରସ୍ତାବିତ ୧୦ ମେଗାୱାଟ୍ ସୌରଶକ୍ତି ପ୍ରକଳ୍ପ ନିମନ୍ତେ କଳାହାଣ୍ଡିର ଜୁନାଗଡ଼ଠାରେ ଶକ୍ତି ବିଭାଗ ସପକ୍ଷରେ ସରକାରୀ ଜମି ପ୍ରଦାନ କରାଯିବାକୁ ସମସ୍ତ ସରକାରୀ ପ୍ରକ୍ରିୟା ଆରମ୍ଭ ହୋଇଛି। ସୌର ପ୍ରକଳ୍ପ ଅଗ୍ରଗତି ସହିତ ଅନ୍ୟାନ୍ୟ ଆନୁଷଙ୍ଗିକ ବ୍ୟବସ୍ଥାର ତଦାରଖ ଲାଗି ପୁରୀ ଜିଲାପାଳଙ୍କ ଅଧ୍ୟକ୍ଷତାରେ ଏକ କୋର କମିଟି ଗଠନ ନିମନ୍ତେ ପ୍ରସ୍ତାବ ଦିଆଯାଇଛି ।



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜନ୍ମଦିନ ଅବସରରେ ଶୁକ୍ରବାର ଭୁବନେଶ୍ୱରସ୍ଥିତ ରାଜ୍ୟ ବିଜେଡି କାର୍ଯ୍ୟାଳୟରେ ଛାତ୍ର ବିଜେଡି ପକ୍ଷରୁ ଆୟୋଜିତ ରକ୍ତଦାନ ଶିବିର।

## ସଂକ୍ଷେପରେ

### ବେଆଇନ ମାଙ୍କଡ଼ା ଖଣିରେ ଚଢ଼ାଉ

**ନିରାକାରପୁର,୧୬।୧୦(ଡି.ଏନ୍.ଏ.):** ଖୋର୍ଦ୍ଧା ଟାଙ୍ଗୀ ବ୍ଲକ ଅଞ୍ଚଳରେ ମାଙ୍କଡ଼ା ପଥର ଚାଲାଣ ବୃଦ୍ଧି ପାଇବାରେ ଲାଗିଛି। ଶୁକ୍ରବାର ତହସିଲଦାର ଅଶ୍ୱିନୀ କୁମାର ଦାସ ପାତ୍ରପଡ଼ା ଅଞ୍ଚଳରେ ଥିବା ଖଣିରେ ଚଢ଼ାଉ କରି ଗୋଟିଏ ଟ୍ରକ୍ ଓ ୪ଟି ପଥର କଟା ମେଶିନ ଜବତ କରିଛନ୍ତି। ସେହିପରି ଜଙ୍କିଆ ଥାନା ଅରାଙ୍ଗ ଅଞ୍ଚଳର ଥିବା ଏକ ଖଣିରେ ଚଢ଼ାଉ କରି ଗୋଟିଏ ଜେସିବି ଓ ୨ଟି ଟ୍ରାକ୍ଟର ଜବତ କରିଛନ୍ତି। ଏହି ଚଢ଼ାଉ ବେଳେ ଅଚ୍ୟୁତପୁର ଆରଆଇ ଗୌରାଙ୍ଗ ଶବର, ରେଭିନ୍ୟୁ ସୁପରଭାଇଜର ବାଉଧର ପ୍ରଧାନଙ୍କ ସମେତ ତହସିଲ କର୍ମଚାରୀ ଓ ପୋଲିସ କର୍ମଚାରୀ ଉପସ୍ଥିତ ଥିଲେ। ଏନେଇ ତହସିଲଦାର ଦାସ କହିଛନ୍ତି, ଆମକୁ ଦେଖି ଖଣି ମାଫିଆମାନେ କଟର ମେଶିନ ସମେତ ଗାଡି ଛାଡି ପଳାଇଥିଲେ। ଅରାଙ୍ଗ ଖଣିରୁ ଗୋଟିଏ ଜେସିବି ଓ ୨ଟି ଟ୍ରାକ୍ଟର ଜବତ ହୋଇଥିବା ବେଳେ ପାତ୍ରପଡା ଖଣିରୁ ଗୋଟିଏ ଟ୍ରକ୍ ଓ ୪ଟି ପଥର କଟା ମେଶିନ ଜବତ କରାଯାଇଛି। ସମସ୍ତ ଗାଡ଼ିକୁ ଜଙ୍କିଆ ଓ ଭୁଷଣ୍ଡପୁର ପୋଲିସ ଜିମା ଦିଆଯାଇଛି ବୋଲି ସେ କହିଛନ୍ତି।

### ଘରୁ ସୁନା ଅଳଙ୍କାର, ଟଙ୍କା ଚୋରି

**ସାଲେପୁର, ୧୬।୧୦(ଡି.ଏନ୍.ଏ.):** ସାଲପୁର ଥାନା ଅନ୍ତର୍ଗତ ମହନାପୁର ଗ୍ରାମର ଧର୍ମେନ୍ଦ୍ର କୁମାର ମିଶ୍ରଙ୍କ ଘରୁ ଗୁରୁବାର ବିଳମ୍ବିତ ରାତିରେ ସୁନା ଅଳଙ୍କାର ଓ ନଗଦ ଟଙ୍କା ଚୋରି ହୋଇଛି। ଏନେଇ ଧର୍ମେନ୍ଦ୍ର ଥାନା ଅନ୍ତର୍ଗତ ଜପକୁଦ ଫାଣ୍ଡିରେ ଲିଖିତ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗ ଅନୁଯାୟୀ, ପରିବାର ଲୋକେ ରାତିରେ ଶୋଇବା ପରେ କୌଣସି ଦୁର୍ବୃତ୍ତ ଘରେ ପଶି ଆଲମାରୀରୁ ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ଓ ନଗଦ ଟଙ୍କା ଚୋରିକରି ନେଇଛନ୍ତି। ଅଭିଯୋଗ ପରେ ପୋଲିସ ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ୍ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି।

### ୫ ଫୁଟ୍‌ର ନାଗ ଉଦ୍ଧାର

**ଚୌଦ୍ୱାର,୧୬।୧୦(ଡି.ଏନ୍.ଏ.):** ଟାଙ୍ଗୀ-ଚୌଦ୍ୱାର ବ୍ଲକ ଶାଳଗାଁ ଗ୍ରାମରୁ ଏକ ଘରୁ ୫ ଫୁଟର ନାଗ ଉଦ୍ଧାର ହୋଇଛି। ଶାଳଗାଁ ଗ୍ରାମର ଅଦ୍ୱୈତ ବିଶ୍ୱାଳଙ୍କ ଘରେ ଶୁକ୍ରବାର ଅପରାହ୍ନରେ ଏକ ନାଗସାପ ପଶିଯାଇଥିଲା। ଘର ଲୋକ ଓ ସାହିପଡିଶା ଯେତେ ଚେଷ୍ଟା କରି ମଧ୍ୟ ସାପଟିକୁ ଘଉଡ଼ାଇବାରେ ବିଫଳ ହୋଇଥିଲେ। ଖବରପାଇ ଟାଙ୍ଗୀସ୍ଥିତ ସ୍ନେକ ହେଲ୍ପଲାଇନ କର୍ମକର୍ତ୍ତା ପହଞ୍ଚି ସାପଟିକୁ ଉଦ୍ଧାର କରି ସ୍ଥାନୀୟ ଜଙ୍ଗଲରେ ଛାଡି ଦେଇଥିବା ଜଣାପଡିଛି।

### ମନ୍ଦିରରୁ ଚୋରି ଘଟଣା : ୩ କୋର୍ଟ ଚାଲାଣ

**ଆଠଗଡ,୧୬।୧୦(ସ୍ୱ.ପ୍ର.):** ଆଠଗଡ଼ ଅଧିଷ୍ଠାତ୍ରୀ ଦେବୀ ମା' ବାଉତୀଙ୍କ ମନ୍ଦିରରୁ ବୁଧବାର ଅଳଙ୍କାର ଓ ନଗଦ ଟଙ୍କା ଚୋରି ହୋଇଛି। ଏହି ଘଟଣାରେ ଶୁକ୍ରବାର ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ସେମାନେ ହେଲେ ଆଠଗଡ଼ ଝରଣଛକସ୍ଥିତ ଶବର ସାହିର ଶ୍ରୀନିବାସ ଦେଉରୀ(୧୭)ଓ ଆଠଗଡ଼ ଝୁଲଣମନ୍ଦିର ନିକଟ ସାହିଲ ସକିଲ ଓରଫ ରାଜା(୧୬) ଓ ଢେଙ୍କାନାଳ ସଦର ଥାନା ଅନ୍ତର୍ଗତ ଭାପୁର ବଜାରର ଅଳଙ୍କାର ବ୍ୟବସାୟୀ ସନ୍ତୋଷ ସାହୁ (୩୫)। ଏନେଇ ଥାନାରେ ମାମଲା( ନଂ-୨୪୭/୨୦) ରୁଜୁ କରାଯାଇଛି। ତେବେ ଚୋରି ଘଟଣାର ମୁଖ୍ୟ ଅଭିଯୁକ୍ତ ଏବେବି ଧରା ପଡ଼ିନାହାନ୍ତି।

### ମୁଖ୍ୟମନ୍ତ୍ରୀଙ୍କ ଦୀର୍ଘାୟୁ କାମନା କରି ଦୀପଦାନ

**ପୁରୀ ଅଫିସ,୧୬।୧୦:** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜନ୍ମଦିନ ଅବସରରେ ତାଙ୍କର ଦୀର୍ଘାୟୁ କାମନା କରି ଶୁକ୍ରବାର ପୁରୀ ବିଜେଡି ପକ୍ଷରୁ ସିଂହଦ୍ୱାରରେ ଦୀପଦାନ କରାଯାଇଛି। ମୁଖ୍ୟମନ୍ତ୍ରୀଙ୍କ ସୁସ୍ଥତା ଏବଂ ଦୀର୍ଘାୟୁ କାମନା କରି ଦଳୀୟ ନେତୃତ୍ୱମାନେ ଦୀପ ଜାଳିବା ସହ ମହାପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରିଥିଲେ। ଏଥିରେ ନଗର ବିଜେଡି ସଭାପତି ଭକ୍ତଚରଣ ଦାସ, ଜିଲା ସମ୍ପାଦକ ସବ୍ୟସାଚୀ ମହାପାତ୍ର, ପ୍ରଶାନ୍ତ ମହାପାତ୍ର, ନାରାୟଣ ପଟ୍ଟନାୟକ, ବିଶ୍ୱଜିତ ପ୍ରଧାନ, ରାଜେଶ ନାୟକ ପ୍ରମୁଖ ସାମିଲ ଥିଲେ। ସେହିପରି ଅପରାହ୍ନରେ ବିଜୁ ଯୁବ ଜନତା ଦଳର ରାଜ୍ୟ ଉପସଭାପତି ଶୁଭାଶିଷ ଖୁଣ୍ଟିଆଙ୍କ ନେତୃତ୍ୱରେ ଯୁବ କର୍ମୀମାନେ ମୁଖ୍ୟମନ୍ତ୍ରୀଙ୍କ ଦୀର୍ଘାୟୁ କାମନା କରି ସିଂହଦ୍ୱାର ଦୀପ ଜାଳିଥିଲେ।




ଅମାବାସ୍ୟା ଅବସରରେ ଶୁକ୍ରବାର ନୀତି ସମ୍ପନ୍ନ ପାଇଁ ଶ୍ରୀମନ୍ଦିରରୁ ଅମାବାସ୍ୟା ନାରାୟଣଙ୍କ ସାଗର ବିଜେ ।

## ବିଶ୍ୱ ଶବ୍ଦକୋଷ ଦିବସ

ପୁରୀ ଅଫିସ,୧୬।୧୦

ଭାଷା ସୁରକ୍ଷା ପ୍ରତିଷ୍ଠାନ, ପୁରୀ ଆନୁକୂଲ୍ୟରେ ବଡ଼ଶଙ୍ଖସ୍ଥିତ ସଦ୍‌ଭାବନା ପରିସରରେ ଶୁକ୍ରବାର ବିଶ୍ୱ ଶବ୍ଦକୋଷ ଦିବସ ପାଳିତ ହୋଇଯାଇଛି। ଶିକ୍ଷାବିତ୍ ଅଶୋକ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମ୍ପାଦକ ଡ. ବଳରାମ ଦାଶ ଶବ୍ଦକୋଷ ଦିବସର ଆଭିମୁଖ୍ୟ ବର୍ଣ୍ଣନା କରିଥିଲେ। ମୁଖ୍ୟଅତିଥି ଭାବେ ସୁରଜମଲ୍ଲ ଶାହା ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ପ୍ରଫେସର ଡ. କାର୍ତ୍ତିକ କୁମାର ଦାସ କହିଥିଲେ, ଆମ ଭାଷାରେ ଆମର ଦକ୍ଷତା ରହିବା ଦରକାର। ଆମ ଶବ୍ଦକୋଷ ସମୃଦ୍ଧ ହେଲେ ଓଡ଼ିଆ ଭାଷା ସୁଦୃଢ଼ ହେବ। ଓଡ଼ିଆ ଅଧ୍ୟାପକ ମୀନକେତନ ପାଢୀଯୋଶୀ ଶବ୍ଦକୋଷ ଉପରେ ଏକ ସୁଚିନ୍ତିତ ଗବେଷଣାଗାରର ଆବଶ୍ୟକତା ରହିଛି ବୋଲି କହିଥିଲେ। ବରିଷ୍ଠ ନାଗରିକ ପ୍ରଭାକର ମିଶ୍ର ଓଡ଼ିଆ ଭାଷାକୁ ସମୃଦ୍ଧ କରିବାରେ ଶବ୍ଦକୋଷର ଗୁରୁତ୍ୱ ରହିଛି ବୋଲି କହିଥିଲେ। ଲକ୍ଷ୍ମୀନାରାୟଣ ପଟ୍ଟନାୟକ, ଭବାନୀ ପ୍ରସାଦ ବଳିୟାରସିଂ, ବିଜୟ ଚନ୍ଦ୍ର ମହାନ୍ତି ପ୍ରମୁଖ ଶବ୍ଦକୋଷ ଦିବସ ସମ୍ପର୍କରେ ଆଲୋକପାତ କରିଥିଲେ ।

# ‘କଲ୍ଲୋଳ ୨୦୨୦’ ଆରମ୍ଭ

ଭୁବନେଶ୍ୱର, ୧୬।୧୦(ବ୍ୟୁରୋ)

ଆଇନା ପକ୍ଷରୁ ୟୁନିସେଫ୍ ଓଡ଼ିଶା ସହଭାଗିତାରେ ଶୁକ୍ରବାର ‘କଲ୍ଲୋଳ ୨୦୨୦’ର ଷଷ୍ଠ ସଂସ୍କରଣ ଆରମ୍ଭ ହୋଇଛି। ପ୍ରଥମଥର ପାଇଁ ଅନ୍‌ଲାଇନ୍‌ରେ ଏହି ଫିଲ୍ମ ଫେଷ୍ଟିଭାଲ ଆୟୋଜିତ ହେଉଛି। ‘ଶିଶୁ ଏବଂ କୋଭିଡ୍ ୧୯’ ବିଷୟବସ୍ତୁ ଉପରେ ୩୦, ୬୦ ଏବଂ ୯୦ ସେକେଣ୍ଡ ଅବଧି ବିଶିଷ୍ଟ କ୍ଷୁଦ୍ର ଚଳଚ୍ଚିତ୍ର, ରେଡିଓ ବିଜ୍ଞାପନ/ଝଙ୍କାର ସ୍କ୍ରିପ୍ଟ ଉପରେ ଗୁରୁତ୍ୱ ଦିଆଯାଇଛି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ‘ମୋ ସ୍କୁଲ’ ଅଭିଯାନ ପରିଚାଳନା ସଙ୍ଗଠନର ଅଧ୍ୟକ୍ଷ ସୁସ୍ମିତା ବାଗ୍‌ଚୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଲେ, ଆଜିର ଜଗତୀକରଣ ଦୁନିଆରେ ଜଣେ ଛାତ୍ର କେବଳ ଆନୁଷ୍ଠାନିକ ଶିକ୍ଷା ଉପରେ ଧ୍ୟାନ ଦେବା ଯଥେଷ୍ଟ ନୁହେଁ, ଶିକ୍ଷାର ଚାରିପାର୍ଶ୍ୱରେ ଥିବା ପ୍ରତ୍ୟେକ ଜିନିଷ ଉପରେ ଆମକୁ ଜ୍ଞାନ ଆହରଣ କରିବାକୁ ହେବ। ମହିଳା ଓ ଶିଶୁ କଲ୍ୟାଣ ବିଭାଗର ଯୁଗ୍ମ ସଚିବ ରେଗା ଗୀତାରାଣୀ ପଟ୍ଟନାୟକ କହିଛନ୍ତି, ପିଲାମାନେ ନିଜର ଭାବନା ପ୍ରକାଶ କରିବାକୁ ତାଙ୍କ ପାଖରେ ଠିକ୍ ପ୍ଲାଟ୍‌ଫର୍ମ ଯୋଗାଇଦେବା ସହିତ ପିଲାଙ୍କୁ ଏ ଦିଗରେ ଉତ୍ସାହିତ କରିବା ନିହାତି ଆବଶ୍ୟକ ରହୁଛି। ୟୁନିସେଫ୍ ଓଡ଼ିଶାର ମୁଖ୍ୟ ଡ. ମୋନିକା ନିଲସନ୍ କହିଲେ, ଏହି କାର୍ଯ୍ୟକ୍ରମ ମାଧ୍ୟମରେ ପିଲାମାନେ ନିଜର ସୃଜନଶୀଳତାକୁ ବୃଦ୍ଧି କରିପାରିବେ। ଆଇନାର ସମ୍ପାଦିକା ସ୍ନେହା ମିଶ୍ର କହିଥିଲେ, ଏଥର ମୋ ସ୍କୁଲ ଅଭିଯାନ, ମହିଳା ଓ ଶିଶୁ କଲ୍ୟାଣ ବିଭାଗ ଏବଂ ରାଜ୍ୟ ଶିଶୁ କଲ୍ୟାଣ ସମାଜ ଅଧିନରେ ଥିବା ବିଭିନ୍ନ ବିଦ୍ୟାଳୟରୁ ୫୦୦ ଛାତ୍ରୀଛାତ୍ର ଭାଗ ନେଉଛନ୍ତି। ସମସ୍ତ ବର୍ଗର ବ୍ୟକ୍ତି ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ନିଜର ସିନେମା ପଠାଇପାରିବେ।

## କଟକ ରେଲୱେ ପ୍ରିପେଡ୍ ଅଟୋ ଆସୋସିଏଶନ ବୈଠକ

କଟକ ଅଫିସ, ୧୬।୧୦

କଟକ ରେଲୱେ ପ୍ରିପେଡ ଅଟୋ ଆସୋସିଏଶନର ସାଧାରଣ ବୈଠକ ସ୍ଥାନୀୟ ରେଲୱେ ଷ୍ଟେଶନ ପ୍ରିପେଡ କାଉଣ୍ଟର ସମ୍ମୁଖରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆସୋସିଏଶନର ୬ଦଫା ଦାବି ସମ୍ପର୍କରେ ଆଲୋଚନା କରାଯାଇଥିଲା। କରୋନା ସହାୟତା ଭାବେ ୧୦ ହଜାର ଟଙ୍କା ପ୍ରଦାନ ପାଇଁ ଅଟୋ ଚାଳକମାନେ ଦାବି କରିଥିଲେ। ଚୌଦ୍ୱାର-କଟକ ବିଧାୟକ ସୌଭିକ୍ ବିଶ୍ୱାଳ ଯୋଗଦେଇ ସହାୟତା ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଅଟୋଚାଳକଙ୍କୁ ୟୁନିଫର୍ମ, ପରିଚୟପତ୍ର, ସ୍ୱାସ୍ଥ୍ୟବୀମା ଯୋଗାଇ ଦେବାକୁ ଟିଏମ୍‌ସି ଓ ଆରଟିଓ ଅଧିକାରୀ ସହ ଆଲୋଚନା କରାଇ ଦରବୃଦ୍ଧି, ପିଇବାପାଣି, ବିଶ୍ରାମାଗାର ବାବଦରେ ନିଷ୍ପତ୍ତି ନିଆଯିବ ବୋଲି ଅତିରିକ୍ତ ଡିସିପି ପ୍ରମୋଦ କୁମାର ରଥ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଟ୍ରାଫିକ ଏସିପି ଦେବଜ୍ୟୋତି ଦାସ, ଆରପିଏଫ ଏସ୍‌ଆଇ ଅରୁଣ ତ୍ରିପାଠୀ, ରୋଜିମହାନନ୍ଦ, ହାଜିବୁଲ ରେହେମାନ, ସଙ୍ଗଠନର ଉପଦେଷ୍ଟା ଜିତେନ୍ଦ୍ର ସାହୁ ଓ ସଭାପତି ଲୋକନାଥ ଲେଙ୍କା ପ୍ରମୁଖ ଉପସ୍ଥିତ ଥିଲେ।

# ୨ କୋଭିଡ୍ କେୟାର ସେଣ୍ଟର ବନ୍ଦ

ଭୁବନେଶ୍ୱର,୧୬।୧୦(ବ୍ୟୁରୋ)

ଭୁବନେଶ୍ୱରରେ ଦୈନିକ ଆକ୍ରାନ୍ତଙ୍କ ସଂଖ୍ୟା ହ୍ରାସ ପାଇବାରେ ଲାଗିଛି। ସରକାରୀ କୋଭିଡ୍ ହସ୍ପିଟାଲ୍‌ରେ ଗୁରୁବାର ୧୦୦ ଆଇସିୟୁ ବେଡ୍ ଖାଲି ପଡ଼ିଥିବା ତଥ୍ୟ ହାସଲ କରାଯାଇଛି। ୭୫ ପ୍ରତିଶତ ଆକ୍ରାନ୍ତ ହୋମ୍ ଆଇସୋଲେଶନ୍‌ରେ ଅଛନ୍ତି। ତେଣୁ ଜାମୁଝରି ଓ ଜଟଣୀ କୋଭିଡ କେୟାର ସେଣ୍ଟରକୁ ବନ୍ଦ କରି ଦିଆଯାଇଛି ବୋଲି ବିଏମ୍‌ସି କମିଶନର ପ୍ରେମଚନ୍ଦ୍ର ଚୌଧାରୀ କହିଛନ୍ତି। ଶୁକ୍ରବାର ବିଏମ୍‌ସି ମୁଖ୍ୟ କାର୍ଯ୍ୟାଳୟରେ ଆୟୋଜିତ ଖବରଦତା ସମ୍ମିଳନୀରେ କମିଶନର କହିଛନ୍ତି, ବର୍ତ୍ତମାନ ରାଜଧାନୀରେ ଅଧିକାଂଶ ଆକ୍ରାନ୍ତମାନେ ହୋମ୍ ଆଇସୋଲେଶନରେ ରହିବାକୁ ପ୍ରାଧାନ୍ୟ ଦେଉଥିବାରୁ କୋଭିଡ୍ ସେଣ୍ଟରଗୁଡ଼ିକ ପ୍ରାୟ ଫାଙ୍କା ରହୁଛି। ୧୮ ଘରୋଇ ହସ୍ପିଟାଲ୍ ପାଇଁ ସରକାର ଜାରି କରିଥିବା ନିର୍ଦ୍ଦେଶନାମା ଅନୁଯାୟୀ ଏବେ ବି କୋଭିଡ୍ ଆକ୍ରାନ୍ତଙ୍କ ପାଇଁ ପର୍ଯ୍ୟାପ୍ତ ବେଡ୍ ରହିଛି।

# ୪ ଦିଗ ଉପରେ ମୁଖ୍ୟ ପ୍ରଶାସକଙ୍କ ଫୋକସ

- ଶ୍ରୀମନ୍ଦିର ଖୋଲିବା ନେଇ ସରିଲା ବିଚାର ବିମର୍ଶ
- ମହାପ୍ରଭୁଙ୍କ ନୀତିକାନ୍ତି, ସେବାୟତଙ୍କ ସ୍ୱାସ୍ଥ୍ୟ ସୁରକ୍ଷାକୁ ଗୁରୁତ୍ୱ

ପୁରୀ ଅଫିସ,୧୬।୧୦

ଭକ୍ତଙ୍କ ଲାଗି ଶ୍ରୀମନ୍ଦିର ଖୋଲିବା ନେଇ ମୁଖ୍ୟ ପ୍ରଶାସକ ଡ. କ୍ରିଷନ କୁମାର ବିଭିନ୍ନ ପକ୍ଷଙ୍କ ସହ ଚଳାଇଥିବା ବିଚାରବିମର୍ଷ ଶୁକ୍ରବାର ଶେଷ ହୋଇଛି। ତିନୋଟି ପର୍ଯ୍ୟାୟରେ ଭର୍ଚୁଆଲ ମିଟିଂ ମାଧ୍ୟମରେ ପକ୍ଷମାନଙ୍କଠାରୁ ମତାମତ ସଂଗ୍ରହ କରାଯାଇଛି। ପ୍ରଥମେ ଶ୍ରୀମନ୍ଦିର ପରିଚାଳନା କମିଟିରେ ଥିବା ସେବାୟତ ପ୍ରତିନିଧି, ଦ୍ୱିତୀୟରେ ବିଭିନ୍ନ ସେବାୟତ ନିଯୋଗ ଏବଂ ତୃତୀୟ ପର୍ଯ୍ୟାୟରେ ସହରର ବୁଦ୍ଧିଜୀବୀ, ଏନ୍‌ଜିଓ କର୍ମକର୍ତ୍ତା, ଗବେଷକ ପ୍ରମୁଖଙ୍କ ସହ ଆଲୋଚନା କରାଯାଇଥିଲା। ପ୍ରାୟ ସମସ୍ତେ କାର୍ତ୍ତିକ ମାସ ପରେ ଶ୍ରୀମନ୍ଦିର ଖୋଲିବା ନେଇ ପଦକ୍ଷେପ ନେବା ଲାଗି ମତ ଦେଇଥିବା ବେଳେ ଅଳ୍ପ କେତେଜଣ ଭିନ୍ନ ମତ ରଖିଥିଲେ। ୬ଦିନ ଧରି ଚାଲିଥିବା ଏହି ବିଚାର ବିମର୍ଶ ଶେଷ ପରେ ମୁଖ୍ୟ ପ୍ରଶାସକ ୪ଟି ଦିଗ ଉପରେ ଫୋକସ ରଖିଛନ୍ତି। ମହାପ୍ରଭୁଙ୍କ ନୀତିକାନ୍ତିରେ ଯେପରି କୌଣସି ବିଭ୍ରାଟ ନ ହେବ, ଦ୍ୱିତୀୟରେ ସେବାୟତଙ୍କ ସ୍ୱାସ୍ଥ୍ୟ ସୁରକ୍ଷା, ତୃତୀୟରେ ଶ୍ରଦ୍ଧାଳୁଙ୍କ କୋଭିଡ୍ ଗାଇଡ଼ଲାଇନ ପାଳନ ଏବଂ ମନ୍ଦିର ଖୋଲିବା ସମୟରେ କରୋନାର ସ୍ଥିତି ନେଇ ମୁଖ୍ୟ ପ୍ରଶାସକ ରାଜ୍ୟ ସରକାରଙ୍କୁ ଅବଗତ କରାଇବେ ବୋଲି ଜଣାପଡ଼ିଛି।

ଷଷ୍ଠ ଦିବସରେ ପୁରୀ ସହରର ବ୍ୟବସାୟୀ ସଂଘ, ବସ୍ ମାଲିକ ସଂଘ, ଟ୍ୟାକ୍ସି ମାଲିକ ସଂଘ, ଅଟୋରିକ୍ସା ମାଲିକ ସଂଘ, ହୋଟେଲ ମାଲିକ ସଂଘ, ଟାଉନ ବସ୍ ମାଲିକ ସଂଘ, ଡିଷ୍ଟ୍ରିବ୍ୟୁଟର ବ୍ୟବସାୟୀ ସଂଘ, ଧାର୍ମିକ ସେବା ସଂସ୍ଥା ଏବଂ ସହରର ବିଶିଷ୍ଟ ବ୍ୟକ୍ତିଙ୍କୁ ମିଶାଇ ୨୧ଜଣଙ୍କୁ ଆଲୋଚନାରେ ଭାଗ ନେବା ପାଇଁ ତାଲିକା କରାଯାଇଥିଲା। ୧୭ଜଣ ଆଲୋଚନାରେ ଭାଗ ନେଇ ଶ୍ରୀମନ୍ଦିର ଖୋଲିବା ସଂକ୍ରାନ୍ତରେ ମତ ରଖିଥିଲେ। ଆଗକୁ ଶୀତ ଆସୁଥିବାରୁ ସଂକ୍ରମଣ ବୃଦ୍ଧି ଆଶଙ୍କା କରି କାର୍ତ୍ତିକ ପରେ ମନ୍ଦିର ଖୋଲିବା ଲାଗି ଅନେକେ ମତ ଦେଇଥିଲେ। ଅନ୍ୟପକ୍ଷରେ ଗର୍ଭଗୃହରେ କ୍ୟାମେରା ଲଗାଇ ଦର୍ଶନ ବ୍ୟବସ୍ଥା କରାଯାଉ ବୋଲି ପରିଚାଳନା କମିଟିର ଜଣେ ସଦସ୍ୟ କହିଥିଲେ। ମାତ୍ର ଏହାକୁ ବିରୋଧ କରାଯାଇଥିଲା। ମହାପ୍ରଭୁଙ୍କ ଅନେକ ଗୁପ୍ତ ବିଧି ରହିଛି। ତେଣୁ ଏହା ପରମ୍ପରା ବିରୋଧୀ ବୋଲି କୁହାଯାଇଥିଲା। ମୁଖ୍ୟ ପ୍ରଶାସକ ଏବଂ ଜିଲାପାଳ ବଲୱନ୍ତ ସିଂ ସେବାୟତ ନିଯୋଗଙ୍କ ସମେତ ବିଭିନ୍ନ ପକ୍ଷଙ୍କ ସହ ଆଲୋଚନା କରିସାରିଥିବା ବେଳେ ରାଜ୍ୟ ସରକାରଙ୍କୁ ରିପୋର୍ଟ ଦେବେ। ତେବେ ଏହା ପୂର୍ବରୁ ପରିଚାଳନା କମିଟି ବୈଠକ ବସି ଆଲୋଚନା ହେବ ବୋଲି ଜଣାପଡ଼ିଛି।

## ସରକାରୀ ଜମି ଜବରଦଖଲ ଅଭିଯୋଗ

ଟାଙ୍ଗୀ(ଖୋର୍ଦ୍ଧା), ୧୬।୧୦(ଡି.ଏନ୍.ଏ.)

ଟାଙ୍ଗୀ ବ୍ଲକ ଛକଠାରୁ ବସଷ୍ଟାଣ୍ଡ ପର୍ଯ୍ୟନ୍ତ ରାସ୍ତାର ଦୁଇ ପାର୍ଶ୍ୱରେ ଥିବା ସରକାରୀ ଜମିକୁ ଜବରଦଖଲ କରି କେତେଜଣ ବ୍ୟକ୍ତି ଗୃହ ନିର୍ମାଣ କରୁଛନ୍ତି। ଏପରିକି ପାଣି ଯିବାକୁ ଥିବା ନାଳକୁ ବନ୍ଦ କରିଦେଇଛନ୍ତି ବୋଲି ଅଭିଯୋଗ ହେଉଛି। ଅନ୍ୟପକ୍ଷରେ କେତେଜଣ ବ୍ୟକ୍ତି ଜବରଦଖଲ ଜାଗାରେ ପଥର ପକାଇ ଉକ୍ତ ଜାଗାକୁ ବିକ୍ରି କରୁଥିବା ଜଣାପଡିଛି। ପ୍ରଶାସନ ପକ୍ଷରୁ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହୋଇଛି। ଏ ସମ୍ପର୍କରେ ତହସିଲଦାର ଅଶ୍ୱିନୀ କୁମାର ଦାସ କହିଛନ୍ତି, ଖୁବ୍‌ଶୀଘ୍ର ସମସ୍ତ ଜବରଦଖଲକାରୀଙ୍କୁ ନୋଟିସ୍ କରାଯିବା ସହ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।




ବ୍ୟବସାୟ ପାଇଁ ଅନୁମତି ଦେବା ଦାବିରେ ଶୁକ୍ରବାର ମାଷ୍ଟରକ୍ୟାଣ୍ଟିନ ଛକଠାରେ ଭୁବନେଶ୍ୱର ଲାଇଟ୍ ଆଣ୍ଡ ସାଉଣ୍ଡ ଓନର୍ସ ଆସୋସିଏଶନ ପକ୍ଷରୁ ନୀରବ ପ୍ରତିବାଦ।

## ବିଦ୍ୟୁତ୍ ଉପଭୋକ୍ତା ମିଳିତ ମଞ୍ଚର ବିକ୍ଷୋଭ

ବାରଙ୍ଗ,୧୬।୧୦(ଡି.ଏନ୍.ଏ.)

୮ ଦଫା ଦାବି ନେଇ ଶୁକ୍ରବାର ବାରଙ୍ଗ ବିଦ୍ୟୁତ୍ କାର୍ଯ୍ୟାଳୟ ଆଗରେ ବିଦ୍ୟୁତ୍ ଉପଭୋକ୍ତା ମିଳିତ ମଞ୍ଚ ପକ୍ଷରୁ ବିକ୍ଷୋଭ କରାଯାଇଥିଲା। ବିଦ୍ୟୁତ୍ ଶୁଳ୍କ ବୃଦ୍ଧି ତୁରନ୍ତ ପ୍ରତ୍ୟାହାର, ବାରମ୍ବାର ବିଦ୍ୟୁତ କାଟ ବନ୍ଦ, ଲୋ-ଭୋଲ୍‌ଟେଜ୍ ସମସ୍ୟା ଦୂର, ବିଜୁଳି ମିଟର ରିଡିଂ ଓ ବିଲ୍‌ର ତ୍ରୁଟି ବିଚ୍ୟୁତିକୁ ଦୂର, ପୁରୁଣା ତାରକୁ ପରିବର୍ତ୍ତନ କରିବା ପ୍ରଭୃତି ଦାବ ରହିଛି। ବିକ୍ଷୋଭ ସ୍ଥଳରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଏହାସହ ବାରଙ୍ଗ ଅଞ୍ଚଳରେ ଅଧିକାଂଶ ସମୟ ଲୋ ଭୋଲଟେଜ ସମସା, ବିଜୁଳି କାଟ ଯୋଗୁ ଲୋକେ ବ୍ୟତିବ୍ୟସ୍ତ ହୋଇପଡ଼ିଛନ୍ତି। ଏହି ସମସ୍ୟାର ତୁରନ୍ତ ସମାଧାନ ନେଇ ମଞ୍ଚର ଆବାହକ ରାଜକିଶୋର ମଲ୍ଲିକଙ୍କ ନେତୃତ୍ୱରେ ବିକ୍ଷୋଭ ହୋଇଥିଲା। ଏଥିରେ ବସନ୍ତ ନାୟକ, ସିଦ୍ଧାର୍ଥ ରଥ, ଅଶୋକ ବେହେରା, ଟିକା ସାମଲ, ଧୀରେନ୍ଦ୍ର ପଣ୍ଡା, ନବକୁମାର ନାୟକ, ଲଳିତ ମହାପାତ୍ର, ଅଭିରାମ ବେହେରା, ଅନ୍ତର୍ଯାମୀ ବେହେରା, ଭାଗ୍ୟଶ୍ରୀ ପ୍ରଧାନ, ରାଜେଶ ରାଉତ, ବିରେନ ପାଇଟାଲ, କାଳନ୍ଦୀ ବେଉରା ପ୍ରମୁଖ ସାମିଲ ଥିଲେ। ଶେଷରେ ଆନ୍ଦୋଳନକାରୀମାନଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକ ପତ୍ର ବାରଙ୍ଗ ବିଦ୍ୟୁତ ଅଫିସ କନିଷ୍ଠ ଯନ୍ତ୍ରୀଙ୍କୁ ପ୍ରଦାନ କରାଯାଇଥିଲା।




ବାରଙ୍ଗ ବିଦ୍ୟୁତ୍ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

# ଭୁବନେଶ୍ୱରରେ କମୁଛି ସଂକ୍ରମଣ, ୨୪୩ ଚିହ୍ନଟ

ଭୁବନେଶ୍ୱର/ ଖୋର୍ଦ୍ଧା ଅଫିସ, ୧୬।୧୦(ବ୍ୟୁରୋ)

ଭୁବନେଶ୍ୱରର ବିଭିନ୍ନ ଅଞ୍ଚଳରୁ ଶୁକ୍ରବାର ୨୪୩ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ୬୮ ପୂର୍ବ ଆକ୍ରାନ୍ତଙ୍କ ସଂସ୍ପର୍ଶରେ ଆସି ଚିହ୍ନଟ ହୋଇଥିବାବେଳେ ୧୭୫ସ୍ଥାନୀୟ ଆକ୍ରାନ୍ତ ରହିଛନ୍ତି। ସଂକ୍ରମିତଙ୍କ ମଧ୍ୟରେ ନୟାପଲ୍ଲୀରୁ ସର୍ବାଧିକ ୧୪, ଶହୀଦ୍‌ନଗରରୁ ୧୦, ବରମୁଣ୍ଡାରୁ ୮, ଆଇଆର୍‌ସି ଭିଲେଜ୍‌ରୁ ୬, ପୁରୁଣା ଭୁବନେଶ୍ୱରରୁ ୬, ନୀଳାଦ୍ରିବିହାରରୁ ୫, ଚକେଇସିଆଣି, ଚନ୍ଦ୍ରଶେଖରପୁର, ପଟିଆ, ପାତ୍ରପଡ଼ା, ଜାଗମରା, ଝାରପଡ଼ା, କଳିଙ୍ଗନଗର ଓ ଖଣ୍ଡଗିରିରୁ ୪ ଜଣ ଲେଖାଏ ଚିହ୍ନଟ ହୋଇଥିବାବେଳେ ଅନ୍ୟ ବିଭିନ୍ନ ସ୍ଥାନରୁ ଏକାଧିକ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏହାବ୍ୟତୀତ ଗତ ୨୪ଘଣ୍ଟା ମଧ୍ୟରେ ୩୫୭ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ଫଳରେ ରାଜଧାନୀରେ ସୁସ୍ଥଙ୍କ ମୋଟ ସଂଖ୍ୟା ୨୩,୫୨୩କୁ ବୃଦ୍ଧି ପାଇଛି। ତେବେ ବିଏମ୍‌ସି ଅଞ୍ଚଳରେ ଏବେସୁଦ୍ଧା ୨୬,୭୭୯ ପଜିଟିଭ୍ ଚିହ୍ନଟ ହୋଇଥିବାବେଳେ ଏବେ ୩,୧୦୬ ପଜିଟିଭ୍ ବିଭିନ୍ନ କୋଭିଡ୍ ହସ୍ପିଟାଲ ଏବଂ ହୋମ୍ ଆଇସୋଲେସନରେ ରହି ଚିକିତ୍ସିତ ହେଉଛନ୍ତି। ଶୁକ୍ରବାର କରୋନାରେ ଭୁବନେଶ୍ୱରରୁ ଆଉ ୨ ଆକ୍ରାନ୍ତଙ୍କ ଜୀବନ ଯାଇଛି। ଫଳରେ ମୋଟ ମୃତ୍ୟୁ ସଂଖ୍ୟା ୧୨୯କୁ ବୃଦ୍ଧି ପାଇଥିବା ବିଏମ୍‌ସି ସୂଚନା ଦେଇଛି।

ଖୋର୍ଦ୍ଧା ଗ୍ରାମାଞ୍ଚଳରେ ଶୁକ୍ରବାର ୮୫ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଥିବା ବେଳେ ୧୨୦ଜଣ ସୁସ୍ଥ ହୋଇଛନ୍ତି। ପଜିଟିଭ୍‌ଙ୍କ ମଧ୍ୟରେ ବାଲିଅନ୍ତା ୧୦, ବାଲିପାଟଣା ୬, ଭୁବନେଶ୍ୱର ବ୍ଲକ ୨, ଜଟଣୀ ୧୩, ଖୋର୍ଦ୍ଧା ବ୍ଲକ ୨୬, ବେଗୁନିଆ ୮, ବୋଲଗଡ଼ ୩, ଟାଙ୍ଗୀ ୭, ଚିଲିକା ଓ ବାଣପୁର ୫ଜଣ ଲେଖାଏ ରହିଛନ୍ତି। ଗ୍ରାମାଞ୍ଚଳରେ ମୋଟ୍ ଆକ୍ରାନ୍ତଙ୍କ ସଂଖ୍ୟା ୧୧୭୨୯ରେ ପହଞ୍ଚିଛି। ଏଥିରୁ ୧୧୦୮୨ଜଣ ସୁସ୍ଥ ହୋଇଥିବା ବେଳେ ୫୯୨ଜଣ ସକ୍ରିୟ ରହିଛନ୍ତି। ୫୫ଜଣଙ୍କ ମୃତ୍ୟୁ ଘଟିଛି। ଖୋର୍ଦ୍ଧା ଉପଖଣ୍ଡରେ ସୁସ୍ଥହାର ୯୪ ପ୍ରତିଶତ ରହିଛି। ଅକ୍ଟୋବର୧୫ ସୁଦ୍ଧା ୭୧୯୩ ପଜିଟିଭ୍ ରହିଛନ୍ତି। ତନ୍ମଧ୍ୟରୁ ୬୭୭୬ଜଣ ସୁସ୍ଥ ହୋଇଛନ୍ତି। ୪୦ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୩୭୭ଜଣ ସକ୍ରିୟ ରହିଛି।

## ତୃତୀୟ ସେରୋ ସର୍ଭେ: ୫୭୪ ନମୁନା ସଂଗ୍ରହ

ଭୁବନେଶ୍ୱର,୧୬।୧୦(ବ୍ୟୁରୋ)

ଭୁବନେଶ୍ୱରରେ ତୃତୀୟ ପର୍ଯ୍ୟାୟ ସେରୋ ସର୍ଭେ ଆରମ୍ଭ ହୋଇଛି। ଶୁକ୍ରବାର ପ୍ରଥମ ଦିନରେ ୱାର୍ଡ ୩, ୫, ୮, ୧୩, ୧୧, ୧୬, ୧୮ ୨୫, ୨୧ ଓ ୨୮ରୁ ୫୭୪ଜଣଙ୍କ ନମୁନା ସଂଗ୍ରହ କରାଯାଇଛି ବୋଲି ବିଏମ୍‌ସି କମିଶନର ପ୍ରେମଚନ୍ଦ୍ର ଚୌଧାରୀ ସୂଚନ ଦେଇଛନ୍ତି। ସୂଚନାମୁତାବକ, ଆରଏମ୍‌ଆର୍‌ସିର ୫ ଟିମ୍ ଶୁକ୍ରବାର ଦୁଇଟି ପର୍ଯ୍ୟାୟରେ ଏହି ନମୁନା ସଂଗ୍ରହ କରିଛନ୍ତି। ଶନିବାର ୱାର୍ଡ ୩୦, ୩୩, ୩୬, ୩୯, ୪୧, ୪୪, ୪୬, ୪୯, ୫୨ ଓ ୫୫ରୁ ୬୦୦ ନମୁନା ସଂଗ୍ରହ କରାଯିବାକୁ ଲକ୍ଷ୍ୟ ରହିଥିବାବେଳେ ୩ ଦିନରେ ମୋଟ ୧୫୦୦ ନମୁନା ପରୀକ୍ଷଣ କରିବା ପାଇଁ ଲକ୍ଷ୍ୟ ରଖାଯାଇଥିବା ବିଏମ୍‌ସି ସୂଚନା ଦେଇଛି।

## ପୁରୀ: ୭୩ ପଜିଟିଭ୍ ଚିହ୍ନଟ, ଜଣେ ମୃତ

ପୁରୀ ଅଫିସ, ୧୬।୧୦

ପୁରୀ ଜିଲାରୁ ଶୁକ୍ରବାର ୭୩ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବାବେଳେ ଜଣଙ୍କ ଜୀବନ ଯାଇଛି। ଏ ପର୍ଯ୍ୟନ୍ତ କରୋନାରେ ଜିଲାର ୭୩ ଜଣଙ୍କ ଜୀବନ ଗଲାଣି। ସେହିପରି ନୂଆ ଆକ୍ରାନ୍ତଙ୍କୁ ମିଶାଇ ମୋଟ ପଜିଟିଭ୍ ସଂଖ୍ୟା ୧୧,୬୪୪ ଛୁଇଁଛି। ଏମାନଙ୍କ ମଧ୍ୟରୁ ୧୦,୮୦୦ ଜଣ ସୁସ୍ଥ ହୋଇଥିବାବେଳେ ୭୮୮ ଜଣ ସକ୍ରିୟ ସଂକ୍ରମିତ ଅଛନ୍ତି। ଶୁକ୍ରବାର ଚିହ୍ନଟଙ୍କ ମଧ୍ୟରେ ପୁରୀ ପୌରାଞ୍ଚଳରୁ ୨୦ ଏବଂ ବିଭିନ୍ନ ବ୍ଲକରୁ ୫୩ ଜଣ ରହିଛନ୍ତି। ଏ ପର୍ଯ୍ୟନ୍ତ ଜିଲାରୁ ୧,୧୦,୩୪୨ କୋଭିଡ୍ ଟେଷ୍ଟ କରାଯାଇଛି। ସୁସ୍ଥ ହାର ୯୨. ୫୯ ପ୍ରତିଶତ ରହିଛି।

